ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୪ ଜୁଲାଇ, ୨୦୨୧



**ଓଡ଼ିଶା ବନ୍ଦ ସଫଳ କରିବାକୁ ଆହ୍ୱାନ**

ଦଶରଥପୁର,(ଡି.ଏନ.ଏ.): ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୫ରେ ଓଡ଼ିଶା ବନ୍ଦ କରାଯିବ। ଏହାକୁ ସମର୍ଥନ କରିବା ପାଇଁ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ପକ୍ଷରୁ ଏକ ମିଳିତ ବୈଠକରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି ପରିପ୍ରେକ୍ଷିରେ ମଙ୍ଗଳପୁର ବଜାରସ୍ଥିତ ସିପିଆଇ କାର୍ଯ୍ୟାଳୟରେ ଜିଲା ସମ୍ପାଦକ ମଳୟ ପଣ୍ଡାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ବୈଠକରେ ବିଭିନ୍ନ ବାମଦଳର ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସକାଳ ୬ରୁ ଦିବା ୧୨ ଘଣ୍ଟିକା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜିଲାର ସମସ୍ତ ଜନସାଧାରଣ ସହଯୋଗ, ସମର୍ଥନ ଓ ସଫଳ କରିବା ପାଇଁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ରାଜେନ୍ଦ୍ରପୁର ପଞ୍ଚାୟତ ଶଟ୍‌ଡାଉନ

ରସୁଲପୁର,୧୩।୭(ଡି.ଏନ.ଏ.):ରସୁଲପୁର ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତକୁ ସରପଞ୍ଚ ସୁଶାନ୍ତ କୁମାର ବେହେରା ଶଟ୍‌ଡାଉନ ଘୋଷଣା କରିଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଉକ୍ତ ପଞ୍ଚାୟତ ଅଞ୍ଚଳ ଶଟ୍‌ଡାଉନ ରହିବ। ଏନେଇ ସରପଞ୍ଚ ବେହେରା ରସୁଲପୁର ବିଡିଓ, ଯାଜପୁର ଉପଜିଲାପାଳ, ରସୁଲପୁର ତହସିଲଦାର, କୁଆଖିଆ ଥାନା ଅଧିକାରୀଙ୍କୁ ପତ୍ର ଜରିଆରେ ଅବଗତ କରାଇଛନ୍ତି। ଏହି ଅବଧି ମଧ୍ୟରେ ପଞ୍ଚାୟତର ରାଜେନ୍ଦ୍ରପୁର, ହାଟସାହି, କରଜଙ୍ଗା ଛକରେ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଜନସାଧାରଣଙ୍କ ସୁବିଧା ନିମନ୍ତେ ୨ଦିନ ପାଇଁ ଗ୍ରସେରି, ପରିବା ଏବଂ ଔଷଧ ଦୋକାନ ଖୋଲା ରହିବ। ପଞ୍ଚାୟତରୁ କୁଆଖିଆ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସାଧୀନ ଜଣେ ମହିଳାଙ୍କ ସମେତ ୩ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ପଞ୍ଚାୟତର ବିଭିନ୍ନ ଗାଁରେ କରୋନାରେ ଆକ୍ରାନ୍ତ ହୋଇ ୨୧ଜଣ ଲୋକ ଘରୋଇ ସଙ୍ଗରୋଧରେ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ଏ ସବୁ ଜାଣିବା ପରେ ବି ଲୋକେ ଅମାନିଆ ହେଉଛନ୍ତି। ଛକ ବଜାରରେ ଭିଡ଼ ଜମାଉଛନ୍ତି। କରୋନା ନିୟମାବଳୀକୁ ଅନୁପାଳନ କରୁନାହାନ୍ତି। କରୋନା ସଂକ୍ରମଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଏଭଳି ନିଷ୍ପତ୍ତି ନେବା ଅପରିହାର୍ଯ୍ୟ ହୋଇପଡିଛି ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ଶଟ୍‌ଡାଉନ ସମୟରେ ପଞ୍ଚାୟତର ୩ଟି ଛକ ସାନିଟାଇଜ୍ କରାଯିବ। ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଘରକୁ ଘର ବୁଲି କରୁଥିବା ସର୍ଭେକୁ ତ୍ୱରାନ୍ୱିତ କରାଯିବାକୁ ଯୋଜନା ରହିଛି।

### ଭତ୍ତା ଟଙ୍କା ହଡ଼ପ ଘଟଣାରେ ପିଇଓ ନିଲମ୍ବିତ

ବାଲିଚନ୍ଦ୍ରପୁର,୧୩।୭(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ କରାଯିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ସମ୍ପୃକ୍ତ ପଞ୍ଚାୟତର ପିଇଓ ରମାକାନ୍ତ ତ୍ରିପାଠୀଙ୍କୁ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି। ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ହେଉଥିବା ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଥିଲା। ଏହାପରେ ପଞ୍ଚାୟତବାସୀଙ୍କ ପକ୍ଷରୁ ବଡ଼ଚଣା ଭାଜପା ନେତା ଅମର ନାୟକ ଓ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଇଂ. ଯଶୋଦୀପ୍ତ ସାମଲ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୬୦/୧୩।୦୭।୨୦୨୧ରେ ସମ୍ପୃକ୍ତ ଅଧିକାରୀ, ବଡ଼ଚଣା ବିଡିଓ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ଭୁବନେଶ୍ୱରଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଶରତ ସାମଲଙ୍କ ଦୃଢୋକ୍ତି ଫିଙ୍କାପଡ଼ିଛି। ସରପଞ୍ଚ ସାମଲ ୨୦୧୭ ଏପ୍ରିଲରୁ ଦାୟିତ୍ୱ ନେବା ପରେ ପଞ୍ଚାୟତରେ ଅନିୟମିତତା ହୋଇ ନ ଥିବା କହିଥିଲେ। ତାହା ଭୁଲ୍ ପ୍ରମାଣିତ ହୋଇଛି।

# ମେଶିନରେ କାମ କରି ଟଙ୍କା ଚଳୁ ଉଦ୍ୟମ

## କୋରେଇ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍

ଯାଜପୁର ଅଫିସ/ରଗଡ଼ି, ୧୩।୭(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନରେ ଚାଲିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମରେ ଦୁର୍ନୀତି ପିଛା ଛାଡୁନାହିଁ। କେଉଁଠି କାମ ନ ହୋଇ ବିଲ୍ ହେଉଛି ତ ଆଉ କେଉଁଠି ମେଶିନରେ କାମ କରି ଠିକାଦାର ଲକ୍ଷାଧିକ ଟଙ୍କା ଚଳୁ କରୁଥିବା ଅଭିଯୋଗ ହୋଇଛି। କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମରୁ ପୁଣି ସେମିତି ଏକ ଅଭିଯୋଗ ସାମ୍ନାକୁ ଆସିଛି। ଉକ୍ତ ଗ୍ରାମର ପାତ୍ର ପୋଖରୀ ଖନନ ଓ ପଙ୍କ ଉଦ୍ଧାର ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ସେଠାରେ ଶ୍ରମିକଙ୍କ ବଦଳରେ ମେଶିନରେ କାମ କରାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା କରିବାକୁ ଉଦ୍ୟମ ଚାଲିଥିବା ଖବର ମିଳିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୯।୧।୨୦୨୧ରୁ କୋରେଇ ବ୍ଲକ କଡ଼ମା ଗ୍ରାମର ପାତ୍ର ପୋଖରୀ ଉନ୍ନତିକରଣ କାମ ଆରମ୍ଭ ହୋଇଛି। ଏଥିରେ ଏଯାଏ ୫୦ ଜଣ ଶ୍ରମିକଙ୍କ ନାମରେ ୬୪,୫୦୦



କଡ଼ମା ଗ୍ରାମର ପାତ୍ର ପୋଖରୀ ଖନନ କରାଯାଉଛି।

- କଡ଼ମା ଗ୍ରାମରେ ଚାଲିଛି ପୋଖରୀ ଉନ୍ନତିକରଣ
- ଶହେ ଦିନର କାମ କରିଛନ୍ତି ୯ ପରିବାର

ଟଙ୍କା ବିଲ ହୋଇ ସାରିଛି। ହେଲେ ଏଯାଏ ତଦନୁସାରେ ଶ୍ରମିକଙ୍କୁ ନିୟୋଜିତ କରାଯାଇ ନାହିଁ। ଗୋରଡ଼ାପାଳ ଗ୍ରାମର ଜୟନ୍ତୀ ନାୟକ, ସୁଲକ ନାୟକ, ସୁରେନ୍ଦ୍ର ଖଟୁଆ, ସୁକାନ୍ତ ବେହେରା, ବିବେକାନନ୍ଦ ବେହେରା ଏବଂ କଡମା ଗ୍ରାମର କାର୍ତ୍ତିକ ବେହେରା, ରମା ପାତ୍ର, ପ୍ରଶାନ୍ତ କୁମାର ନାୟକ, ନୃସିଂହ ଧଳ, ସୁକାନ୍ତ ଧଳ, ପ୍ରହ୍ଲାଦ ନାଏକ, ତିଲୋତ୍ତମା ନାଏକ, ଧର୍ମେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ପାତ୍ର ପୋଖରୀ କାମରେ ନିୟୋଜିତ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ପ୍ରତି ଶ୍ରମିକଙ୍କ ନାମରେ ୬ ଦିନ ଲେଖାଏ କାର୍ଯ୍ୟ ଦିବସ ଦେଖାଇ ୧୨୯୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ପ୍ରାୟ ମାସେ ତଳେ ଆରମ୍ଭ ହୋଇଥିବା ଏହି କାମ ଆଉ ଅଳ୍ପଦିନ ମଧ୍ୟରେ ଶେଷ ହେବ ବୋଲି ଅନୁମାନ କରାଯାଉଛି। ଏହି ମାସରେ କୌଣସି ଶ୍ରମିକଙ୍କୁ ନିୟୋଜିତ କରାଯାଇନାହିଁ। କେବଳ ମେଶିନରେ କାମ ଚାଲିଥିବା ଅଭିଯୋଗ ହୋଇଛି। ୨ ଦିନରେ ମେଶିନ ଦ୍ୱାରା ପୋଖରୀ ହୁଡ଼ା କରାଯାଇଛି। ପୋଖରୀରେ ପାଣି ଥିବା ହେତୁ ପଙ୍କ ଉଦ୍ଧାର ନ କରି ଅର୍ଥ ବାଟମାରଣା କରିବାକୁ ଯୋଜନା କରାଯାଉଥିବା ଗ୍ରାମବାସୀ କହିଛନ୍ତି।

ସୂଚନାଯୋଗ୍ୟ, କୋରେଇ ବ୍ଲକରେ ୨୦୨୧-୨୨ ବର୍ଷରେ ଗତ ୭ ତାରିଖ ସୁଦ୍ଧା ୮୮ଟି ପୋଖରୀ ଉନ୍ନତିକରଣ କାମ ଚାଲିଛି। ଏହାବାଦ୍ ୪୫ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିଥିବା ବେଳେ ୨୩ କାମ ପାଇଁ ପ୍ରସ୍ତୁତି ଚାଲିଛି। ରିପୋର୍ଟ ଅନୁସାରେ ଗୋଟିଏ ବି ପୋଖରୀ ଉନ୍ନତିକରଣ କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସମସ୍ତ କାମକୁ ଅବଲୋକନ କଲେ ଉକ୍ତ ବ୍ଲକରେ ୧୭୯ଟି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ୨୮୬୫ଟି ପ୍ରକଳ୍ପ କାମ ଚାଲିଥିବାବେଳେ ୨୦୮୫ଟି ପ୍ରକଳ୍ପ ଆରମ୍ଭ ହୋଇନାହିଁ। କୋରେଇ ବ୍ଲକରେ ବୁଧବାର ପର୍ଯ୍ୟନ୍ତ ୯୦୦ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିବାବେଳେ ମାତ୍ର ୯ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରି ପାରିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ମୀନା ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ପୋଖରୀ ଉନ୍ନତିକରଣ କାମ ପାଇଁ ଅଳ୍ପ କିଛି ବିଲ୍ ହୋଇଛି । କାମ ତଦାରଖ ପରେ ଅବଶିଷ୍ଟ ବିଲ୍ କରାଯିବ।

# ଦର ବୃଦ୍ଧି ବିରୋଧରେ ଧାରଣା




ବାଲିଚନ୍ଦ୍ରପୁରସ୍ଥିତ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଛି।

ଚଣ୍ଡିଖୋଲ,୧୩।୭(ଡି.ଏନ.ଏ.)

ପେଟ୍ରୋଲ୍, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ନବନିର୍ମାଣ କୃଷକ ସଂଗଠନ ଯୁବଛାତ୍ର ଶାଖା ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ସଙ୍ଗଠନର କର୍ମକର୍ତ୍ତା ବଡ଼ଚଣା ବ୍ଲକ୍‌ର ବଡ଼ଚଣା ଓ ବାଲିଚନ୍ଦ୍ରପୁରଠାରେ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ପ୍ରତିବାଦ କରିଥିଲେ। ପେଟ୍ରୋଲ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଯେଉଁ ମୂଲ୍ୟ ବୃଦ୍ଧି ହୋଇଛି ତାହାର ତୁରନ୍ତ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ପ୍ରକାଶ କରିଥିଲେ। ଆନ୍ଦୋଳନରେ ସଙ୍ଗଠନ ଜିଲା ସହ ସଂଯୋଜକ ଅଶୋକ ଶାନ୍ତି, ଶିଶିର ସାମଲ, ସୁବାସ ଚନ୍ଦ୍ର ଖଣ୍ଡାଇ, ସେକ୍ଆକବର୍, ପରିକ୍ଷିତ ଶତପଥୀ, ପ୍ରଦୀପ୍ତ ଦାସ, ପ୍ରଶାନ୍ତ କୁମାର ଦାଶ ପ୍ରମୁଖ କୃଷକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।

**WANTED**
A SUPERVISOR FOR RE-ROLLING MILL AT: JAGATPUR, CUTTACK.
Contact: 9937399588

**REQUIRES EXPERIENCE STAFFS**
• RECEPTIONIST - 1 No. • COOK - 2 Nos. • ୱେଟର – ୪ଜଣ • ହାଉସ୍ କିପର (ଅଭିଜ୍ଞ ମହିଳା/ପୁରୁଷ) – ୨ଜଣ • TOURIST CAR DRIVER - 5 Nos. (With badge and Heavy Licence).
WALK-IN-INTERVIEW
Residency 24×7, 13 West, Ashok Nagar (Behind Khadi Niketan), BBSR (10 A.M. to 5 P.M.)
9938329002
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

# ଶିକ୍ଷକ ସ୍ୱାମୀଙ୍କ ମାଡ଼ରେ ଶିକ୍ଷୟିତ୍ରୀ ସ୍ତ୍ରୀ ମୃତ

ଯାଜପୁର ଅଫିସ/କୋରେଇ/ରଗଡ଼ି(ଡି.ଏନ.ଏ.), ୧୩।୭

ଯାଜପୁର ଜିଲା କୋରାଇ ଥାନା ଚିଙ୍ଗିଡିପୁର ଗ୍ରାମରେ ମଙ୍ଗଳବାର ସକାଳେ ପାରିବାରିକ କଳହକୁ କେନ୍ଦ୍ରକରି ଏକ ହତ୍ୟାକାଣ୍ଡ ଘଟିଛି। ଶିକ୍ଷକ ସ୍ୱାମୀ ଅରୁଣ କୁମାର ଜେନା ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ଦୀପ୍ତିମୟୀଙ୍କୁ ଏକ ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ନିଜେ ଏ ସଂକ୍ରାନ୍ତରେ ପୋଲିସକୁ ଖବର ଦେବା ପରେ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଏନେଇ ଦୀପ୍ତିମୟୀଙ୍କ ବାପା କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୦୧/୨୦୨୧) (ଦଫା ୪୮୯ (ଏ) ଆଇପିସି ଧାରା ୩୦୨) ରୁଜୁ କରିଛି।

ସୂଚନା ଅନୁଯାୟୀ, ଦୀପ୍ତିମୟୀଙ୍କୁ ମୁମୂର୍ଷ ଅବସ୍ଥାରେ ପରିବାର ଲୋକେ ଆମ୍ବୁଲାନ୍ସରେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋରେଇ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ପଠାଇଛି । ଅଭିଯୁକ୍ତ ଅରୁଣଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି । ଏହି ଦମ୍ପତି ସରକାରୀ



ଦୀପ୍ତିମୟୀଙ୍କ ଫାଇଲ ଫଟୋ।

ସ୍କୁଲରେ ଶିକ୍ଷକତା କରୁଥିଲେ। ଅରୁଣ ୯ ବର୍ଷ ତଳେ ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ତଳଗଡ଼ ଗ୍ରାମର ବିରାଟ କିଶୋର ମଲ୍ଲିକଙ୍କ ଝିଅ ଦୀପ୍ତିମୟୀ (୩୪)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୫ ବର୍ଷ ଓ ୩ ବର୍ଷର ୨ ପୁତ୍ର ସନ୍ତାନ ଅଛନ୍ତି। ଦୀର୍ଘଦିନ ହେଲା ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା ବୋଲି ସୂଚନା ମିଳିଛି। ମଙ୍ଗଳବାର ସକାଳ ସାଢ଼େ ୬ ଟାରେ ଦୀପ୍ତିମୟୀ ଘରେ ଠାକୁର ପୂଜା କରୁଥିବା ସମୟରେ ଅରୁଣ ପଛ ପଟୁ ଏକ ହାତୁଡ଼ିରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ ବୋଲି ଅଭିଯୋଗ ହୋଇଛି।

क्षेत्रीय शिक्षा संस्थान, भुवनेश्वर
REGIONAL INSTITUTE OF EDUCATION, BHUBANESWAR
(National Council of Educational Research & Training)
Sachivalaya Marg, Bhubaneswar - 751022
Advt. No: 402 Dated: 09.07.2021
ADMISSION NOTICE 2021-2022
Online applications are invited for admission to **M.Phil in Education** course offered by Regional Institute of Education, Bhubaneswar for the session **2021-2022.** For details regarding Eligibility Criteria, Mode of Selection, Determination of Home State, Reservation, Fees Structure, Entrance Test etc., please visit our website **www.riebbs.ac.in.**
PRINCIPAL

# ଗଳିପୋଲ ନିର୍ମାଣ ଦାବିରେ ଗଣଧାରଣା

ଛତିଆ,୧୩।୭(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଛତିଆ ଚଟିଘର ନିକଟରେ ଗଳିପୋଲ ନିର୍ମାଣ ଦାବି ଜୋରଦାର ହୋଇଛି। ତୁରନ୍ତ ଗଳିପୋଲ ନିର୍ମାଣ ଦାବିରେ ମଙ୍ଗଳବାରଠାରୁ ସ୍ଥାନୀୟ ଜନସାଧାରଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଗଣଧାରଣା ଆରମ୍ଭ କରିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବିଧାୟକ ଅମର ପ୍ରସାଦ ଶତପଥୀ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆନ୍ଦୋଳନରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଛତିଆ ସରପଞ୍ଚ ନୟନା ବେହେରା, ନାରୀନେତ୍ରୀ ମନୋରମା ଆଚାର୍ଯ୍ୟ, ଗିରୀଶ ପାତ୍ର, ଅମରେଶ ନନ୍ଦ, ମାଧବାନନ୍ଦ ମହାପାତ୍ର, ବାସୁଦେବ ସ୍ୱାଇଁ ଓ ବିପିନ ବିଶ୍ୱାଳଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ସାମିଲ ହୋଇଛନ୍ତି।

ଆନ୍ଦୋଳନକାରୀମାନେ କହିଛନ୍ତି, ଏଠାରେ ଦୈନିକ ଶତାଧିକ ଲୋକ ଜରୁରୀ କାର୍ଯ୍ୟ ଲାଗି ଜାତୀୟ ରାଜପଥ ଅତିକ୍ରମ କରୁଛନ୍ତି। ତେବେ




ଗଣଧାରଣାରେ ସାମିଲ ଜନସାଧାରଣଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

### ଦୁର୍ଘଟଣାରେ ପୁଣି ୨ ଆହତ

ଟ୍ରାଫିକ୍ କିମ୍ବା ଗଳିପୋଲ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଗତ ୭ ତାରିଖରେ ଏଠାରେ ୩ ଯୁବକ ରାସ୍ତାପାର ହେଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଏଠାରେ ଗଳିପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ହେଲେ ଏହା କେବଳ ପ୍ରତିଶ୍ରୁତିରେ ଅଟକି ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏଠାରେ ଗଳିପୋଲ ନିର୍ମାଣ କରନ୍ତୁ। ଏହା ନହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ମଙ୍ଗଳବାର ଅପରାହ୍ନରେ ଉକ୍ତ ସ୍ଥାନରେ ପୁଣି ଏକ ଦୁର୍ଘଟଣା ଘଟିଛି। ପଞ୍ଚୁପାଣ୍ଡବ ଅଞ୍ଚଳର ସନାତନ ସାହୁ ଓ ତାଙ୍କ ସ୍ତ୍ରୀ ବୀଣାପାଣି ସାହୁ ସ୍କୁଟି ଯୋଗେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସାଇଟ୍ ମାରିବାରୁ ଉଭୟ ଆହତ ହୋଇଛନ୍ତି। ଛତିଆ ବିଟ୍ ହାଉସ୍ ଅଧିକାରୀ ଗୋବର୍ଦ୍ଧନ ନାୟକ ପହଞ୍ଚି ଆହତ ଦମ୍ପତିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି।

ODISHA PUBLIC SERVICE COMMISSION
CUTTACK
Website - http://www.opsc.gov.in
NOTICE
No. 4674/P.S.C., (1E-13-2020-21) (DR-II), dt.13.07.21
**No. D-54:-** It is for information of all concerned that the written examination for recruitment to the post of Assistant Professor in 07 different Dentistry disciplines in Odisha Medical Education Service, under H. & F.W. Department, pursuant to Advertisement No.11 of 2018-19 will be held **on 06.08.2021 (Friday) from 10.00 A.M. to 1.00 P.M.** The detailed programme of the written examination showing venue will be notified in due course later on in the website of Commission.
The concerned candidates are advised to visit the website of Commission regularly.
OIPR-12002/11/0032/2122 Sd./- Secretary

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୯୩୪୦/IND-II-PH-864 ତାରିଖ: ୦୯।୦୭।୨୧
**ବିଜ୍ଞାପନ**
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶିବା ସିମେଣ୍ଟ ଲିମିଟେଡ, ଓଡ଼ିଶା**ର ସୁନ୍ଦରଗଡ଼ ଜିଲା, କୁତ୍ରା ତହସିଲ ଅନ୍ତର୍ଗତ ଖାତକୁରବାହାଲ ଏବଂ ଖାଲସାକାନି ଗ୍ରାମରେ ୧୫୬.୪୩ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଖାତକୁରବାହାଲ (ଉତ୍ତର) ବ୍ଲକ ଚୂନପଥର ଖଣିରୁ ବାର୍ଷିକ ୧.୬ ନିୟୁତ ଟନ୍ (ଆର.ଓ.ଏମ୍.) ଚୂନପଥର ଉତ୍ତୋଳନ, ବାର୍ଷିକ ୦.୦୩୫ ନିୟୁତ ଟନ୍ ମିନେରାଲ ପ୍ରତ୍ୟାଖ୍ୟାନ, ବାର୍ଷିକ ୦.୦୩୩ ନିୟୁତ ଟନ୍ ଟପ୍ ମୃତ୍ତିକା ଏବଂ ବାର୍ଷିକ ୩.୮୭୫ ନିୟୁତ ଟନ୍ ଆବର୍ଜନା (ମୋଟ ଖନନ – ବାର୍ଷିକ ୫.୫୪୩ ନିୟୁତ ଟନ୍) ସହିତ ୮୦୦ ଟି.ପି.ଏଚ୍. କ୍ଷମତା ବିଶିଷ୍ଟ କ୍ରସର ଏବଂ ସ୍କ୍ରିନ୍ ପ୍ରତିଷ୍ଠା କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୩।୦୪।୨୦୨୧ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୁତ୍ରା ତହସିଲ ଅନ୍ତର୍ଗତ ଖାତକୁରବାହାଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପଛରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: 'The Times of India' ଏବଂ 'ଧରିତ୍ରୀ'ରେ ତା୨୦।୦୩।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ରାଜ୍ୟରେ ବଢୁଥିବା Covid-19 ମହାମାରୀ ଯୋଗୁ ରାଜ୍ୟ ସରକାରଙ୍କ ଜନସମାଗମ ଉପରେ କଟକଣା ଯୋଗୁ ତା୨୩।୦୪।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୪।୦୮।୨୦୨୧ରିଖ ଦିବା ୦୯.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲା, କୁତ୍ରା ବ୍ଲକ ଅନ୍ତର୍ଗତ ଖାତକୁରବାହାଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପଛରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୪।୦୮।୨୦୨୧ରିଖ ଦିବା ୦୯.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲା, କୁତ୍ରା ବ୍ଲକ ଅନ୍ତର୍ଗତ ଖାତକୁରବାହାଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପଛରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା** ।
୬. ଜଙ୍ଗଲ ଓ ପରିବେଶ (ପରିବେଶ) ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ। କୌଣସି ପ୍ରସ୍ତାବ, ମନ୍ତବ୍ୟ, ମତାମତ ବା ଆପତ୍ତି ଲିଖିତ ଆକାରରେ ଧାର୍ଯ୍ୟ ତାରିଖ ମଧ୍ୟରେ କିମ୍ବା ଲିଖିତ ବା ମୌଖିକ ଆକାରରେ ସର୍ବସାଧାରଣ ଶୁଣାଣି ବେଳେ କରା ନ ଗଲେ ତାହା ବିଚାରକୁ ନିଆଯିବନାହିଁ।
ସ୍ୱା./-ସଦସ୍ୟ ସଚିବ

# ଭାଜପା ଛାଡ଼ିଲେ ୩୪ ନଂ. ଜିଲା ପରିଷଦ ସଭ୍ୟ

ରସୁଲପୁର,୧୩।୭(ଡି.ଏନ.ଏ.)

ରସୁଲପୁର ବ୍ଲକ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୩୪ ନଂ. ଜୋନର ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ନାୟକ (ଟିକୁ) ମଙ୍ଗଳବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ନାୟକ ତାଙ୍କ ଇସ୍ତଫା ପତ୍ର ଭାଜପା ରାଜ୍ୟ ସଭାପତି, ରାଜ୍ୟ ସଂଗଠନ ମହାମନ୍ତ୍ରୀ, ରାଜ୍ୟ ପ୍ରଭାରୀ ଓ ଜିଲା ସଭାପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି। ଦଳ ଛାଡ଼ିଥିବା ଏହି ଯୁବନେତା ବିଜେଡିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ଉକ୍ତ ଜୋନ୍‌ରୁ ନାୟକ ଭାଜପା ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ପାଇଁ କାମ କରିଥିଲେ। ହେଲେ ଦଳୀୟ ପ୍ରାର୍ଥୀ ତାଙ୍କୁ ଗୁରୁତ୍ୱ ଦେଇ ନ ଥିଲେ। ସେ ଦଳୀୟ ପଦାଧିକାରୀଙ୍କୁ ଅବଗତ କରାଇଥିଲେ ମଧ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଏହାରିମଧ୍ୟରେ ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ କରାଯାଇଥିଲା। ସେ ଦିଗରେ ତାଙ୍କୁ ଅଣଦେଖା କରାଯାଇଛି। ସଦ୍ୟ କଂଗ୍ରେସର ନାରୀନେତ୍ରୀ ଦଳ ଛାଡ଼ି ଭାଜପାରେ ସାମିଲ ହେବା ସମୟରେ ସେ ଏକମାତ୍ର ନିର୍ବାଚିତ ବ୍ୟକ୍ତି ହୋଇଥିଲେ ବି ତାଙ୍କୁ ଅଣଦେଖା କରାଯାଇଛି। ଯାହାକୁ ନେଇ ସେ ଦଳ ଭିତରେ ଅଣନିଃଶ୍ୱାସୀ ଅନୁଭବ କରୁଥିଲେ। ଏସବୁକୁ କାରଣ ବୋଲି ଦର୍ଶାଇ ସେ ଇସ୍ତଫା ଦେଇଛନ୍ତି। ଦଳ ତାଙ୍କ କଥା ଓ ବ୍ୟଥାକୁ ବୁଝି ପାରିଲା ନାହିଁ ବୋଲି ନାୟକ ଅଭିଯୋଗ କରିଛନ୍ତି। ବିଜେଡିରେ ମିଶିବା ନେଇ ହେଉଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। ସମର୍ଥକଙ୍କ ସହ ଆଲୋଚନା କରିବା ପରେ ସେ କେଉଁ ଦଳରେ ସାମିଲ ହେବେ କି ନାହିଁ ସେ ସମ୍ପର୍କରେ ପରେ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ଏ ନେଇ ଭାଜପା ଜିଲା ସଭାପତି ଗୌତମ ରାୟ କହିଛନ୍ତି, ୨୦୧୯ ନିର୍ବାଚନଠାରୁ ନାୟକ କୌଣସି ଦଳୀୟ ସାଂଗଠନିକ କାର୍ଯ୍ୟରେ ଯୋଗ ଦେଉ ନ ଥିଲେ। ଗତ ସାଧାରଣ ନିର୍ବାଚନରେ ସେ ଦଳ ବିରୋଧୀ କାର୍ଯ୍ୟ କରୁଥିଲେ ବୋଲି ତାଙ୍କ ନାଁରେ ଅଭିଯୋଗ ହୋଇଥିଲା। ତେବେ ସେ କେଉଁଠି ରହି କାମ କଲେ ତାଙ୍କୁ ଅଧିକ ଫାଇଦା ମିଳିବ ଭାବି ସେ ଏଭଳି ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ମତ ରଖିଛନ୍ତି।

DIRECTORATE OF CAPACITY BUILDING
KHADI AND VILLAGE INDUSTRIES COMMISSION
Ministry of Micro, Small & Medium Enterprises, Govt. of India
Gramodaya, 3, Irla Road, Vile Parle (W)
Mumbai- 400 056. Tel: 022-2671 1764
E-Mail: cb.kvic@gov.in kvichrd@gmail.com Website: www.kvic.org.in
TENDER FOR SETUP, INSTALLATION & OPERATIONALIZATION OF PRAKRITIK PAINT UNIT ON TURNKEY BASIS
Request for Proposals for Setup, Installation & Operationalization of Prakritik Paint Unit on Turnkey basis at Seven different KVIC Training Centres namely Bangalore, Bhubaneswar, Guwahati, Nashik, Panjokhora KGV, Sevapuri ( Varanasi) & Chitrakoot (M.P.)
The RFP Document containing the details of eligibility criteria, submission requirement, brief objective & scope of work and evaluation criteria etc., can be downloaded from the KVIC website **www.kvic.org.in**
The last date for submission for RFP bid is 30.07.2021 upto 1:00 pm. Sealed envelope marked to the Director (Capacity Building), containing RFP bid may be submitted mentioning "Request for Proposal for setup, installation and operationalization of Khadi Prakritik Paint Unit on Turnkey basis at Seven different KVIC Training Centres" on the top of the cover.
Director (Capacity Building)

## ଚୋରି ସାମଗ୍ରୀ ଜବତ: ୩ ଅଭିଯୁକ୍ତ ଗିରଫ

ପାରାଦୀପ,(ସ୍ୱ.ପ୍ର.): ଚୋରି ଅଭିଯୋଗରେ ପାରାଦୀପ ଆଦର୍ଶଥାନା ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ଥାନାରେ ମାମଲା (ନଂ.୧୩୫/୨୧)ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ମିଥୁନ ମଣ୍ଡଳ, ଶେଖ୍ ଫିରୋଜ, ଓ ଗୌତମ ଦାସ। ସେମାନଙ୍କ ଘର ଅଠରବାଙ୍କି ଲକ୍‌ଥାନା ଅଞ୍ଚଳରେ। ଅଭିଯୁକ୍ତମାନେ ଗତ ୮ ତାରିଖ ରାତିରେ ଲକ୍‌ପଡାର ଦିଲାପ ମାଜ୍ଞାଙ୍କ ଘରେ ପଶି ଟିଭି, ଲାପ୍‌ଟପ ଓ ମୋବାଇଲ, ସମେତ ଗୋଟିଏ ବାଇକ ଚୋରି କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। କେବଳ ମୋବାଇଲକୁ ଛାଡି ଅନ୍ୟ ସମସ୍ତ ଚୋରି ସାମଗ୍ରୀ ଜବତ ହୋଇଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡ, ୨ ବଖରା ଭସ୍ମୀଭୂତ

ପଟ୍ଟାମୁଣ୍ଡାଇ,୧୩।୭(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ୬ନଂ. ୱାର୍ଡ କଷଣଅଣ୍ଡା ଗାଁର ଗଙ୍ଗାଧର ପ୍ରଧାନଙ୍କ ୨ ବଖରା ଚାଳ ଛପର ଘରେ ନିଆ ଲାଗି ସମ୍ପୂର୍ଣ୍ଣ ପୋଡିଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗଙ୍ଗାଧରଙ୍କ ଘରେ ରୋଷେଇ ହେଉଥିବା ସମୟରେ ଚୁଲିରୁ ନିଆଁ ଝୁଲ ଉଠି ଚାଳରେ ଲାଗି ଯାଇଥିଲା। ଫଳରେ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବା ପୂର୍ବରୁ ସମ୍ପୂର୍ଣ୍ଣ ଘରଟି ପୋଡି ଯାଇଥିଲା। ଗଙ୍ଗାଧର କାମଧନ୍ଦା କରି ପରିବାର ଚଳାନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀ, ସଦର ଆରଆଇ ଅଭିମନ୍ୟୁ ସେଠୀ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ଅଗ୍ନିବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଏହି ଅସହାୟ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ସହ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବନ୍ଧୁଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଘଟଣାରେ ମାମଲା ରୁଜୁ

ବାଲିକୁଦା,୧୩।୭(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳର ଜଣେ ଦଳିତ ମହିଳାଙ୍କୁ ରବିବାର ପୁରୀ ଜିଲା ଚନ୍ଦ୍ରଭାଗା ମେରାଇନ୍ ଥାନା ରାମଚଣ୍ଡୀ ଅଞ୍ଚଳରେ ସ୍ୱାମୀଙ୍କ ବନ୍ଧୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ବେଳେ ଘଟଣା ଘଟିଥିବା ଥାନାରେ ଆଉ ଏକ ଅଭିଯୋଗ କରିବାକୁ ପୀଡିତାଙ୍କୁ ପୋଲିସ ପରାମର୍ଶ ଦେଇଥିଲା। ଏ ନେଇ ପୀଡିତା ମଙ୍ଗଳବାର ଚନ୍ଦ୍ରଭାଗା ମେରାଇନ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୭/୨୧) ରୁଜୁ ହୋଇଛି। ଏହାପରେ ସେଠାକାର ପୋଲିସ ବାଲିକୁଦା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ତଦନ୍ତ ପାଇଁ ନେଇଯାଇଛି। ପୁରୀ ଏସ୍‌ଡିପିଓ ଦେବାଶିଷ ମିଶ୍ର ଏହି ମାମଲାର ତଦନ୍ତ କରୁଛନ୍ତି। ଗାଈ ମୃତ୍ୟୁ ଦୋଷ ଛଡ଼ାଇବାକୁ ଅଭିଯୁକ୍ତ ବନ୍ଧୁ ଏକ ବାଇକ୍‌ରେ ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀଙ୍କୁ ନେଇ ରବିବାର ପୁରୀ ଯାଇଥିଲେ। ମାତ୍ର ପୁରୀରେ ରଥ ଯାତ୍ରା ପାଇଁ କର୍ଫ୍ୟୁ ଲାଗିଥିବାରୁ ସେମାନେ ଅଧାବାଟରୁ ଫେରି ଆସିଥିଲେ। ଫେରିବା ବାଟରେ ରାମଚଣ୍ଡୀଠାରେ ସମୁଦ୍ର କୂଳ ନିକଟରେ ଅଭିଯୁକ୍ତ ଗାଡ଼ି ଅଟକାଇ ମହିଳାଙ୍କ ସ୍ୱାମୀଙ୍କୁ ମଦ ପିଆଇଥିଲେ। ନିଶାରେ ସ୍ୱାମୀ ଅଚେତ ହେବା ପରେ ସମ୍ପୃକ୍ତା ମହିଳାଙ୍କୁ ଅଭିଯୁକ୍ତ ବଳାତ୍କାର କରିଥିଲେ। ଘରେ ପହଞ୍ଚିବା ପରେ ପୀଡ଼ିତା ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇଥିଲେ।

### ସ୍ୱାମୀଙ୍କ ନାଁରେ ଆକ୍ରମଣ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ,୧୩।୭: ଜଗତ୍‌ସିଂହପୁର ଥାନା ଅଳା ଗାଁର ଲକ୍ଷ୍ମୀପ୍ରିୟା ଭୋଇ ସୋମବାର ସ୍ୱାମୀଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ମାଡ଼ରେ ତାଙ୍କର ୨ଟି ଦାନ୍ତ ଭାଙ୍ଗିଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ମାମଲା (ନଂ. ୩୪୪/୨୧) ରୁଜୁ ହୋଇଛି। ୮ ତାରିଖରେ ସେ ଓ ଅନ୍ୟଜଣେ ତାଙ୍କ ବାପଘର ନାଉଗାଁକୁ ଯାଉଥିବାବେଳେ ସ୍ୱାମୀ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଲକ୍ଷ୍ମୀପ୍ରିୟା ବିରୋଧ କରିବାରୁ ପାଖରେ ଥିବା ବତା ଫାଳିଆରେ ପିଟି ଥିଲେ। ଏଥିସହ ୫ ହଜାର ଟଙ୍କା ସ୍ୱାମୀ ଛଡାଇ ନେଇ ଯାଇଥିଲେ। ଏ ନେଇ ତଦନ୍ତ ଜାରି ରହିଛି।

# ସହଜରେ ମିଳୁଛି ଶିକ୍ଷା ପ୍ରମାଣପତ୍ର

**କେନ୍ଦ୍ରାପଡ଼ାରେ ବଢ଼ୁଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା**

- ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି
- ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ପାଇଁ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୩।୭

ଉତ୍ତରପ୍ରଦେଶ ପୋଲିସର ଆତଙ୍କବାଦୀ ନିରୋଧୀ ଦଳ (ଏଟିଏସ) ପାକିସ୍ତାନର ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ସହ ସମ୍ପୃକ୍ତ ଅନସାର ଘଜୱାତ ଉଲ ହିନ୍ଦର ଦୁଇ ସଦସ୍ୟ ମସିରୁଦ୍ଦିନ ଓ ମିନହାଜଙ୍କୁ ଗତ ରବିବାର ଗିରଫ କରିଛି। ସେହିପରି ଏହି ଦିନ ବାଂଲାଦେଶର ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ଜମାତ ଉଲ ମୁଜାହିଦ୍ଦିନର ୩ ସଦସ୍ୟ ବାଂଲାଦେଶ ଗୋପାଳଗଞ୍ଜର ବାସିନ୍ଦା ନାଜିଉର ରେହମାନ ପାଭେଲ, ରବିଉଲ ଇସଲାମ ଓ ମିକାଇଲ ଖାଁଙ୍କୁ କଲିକତା ପୋଲିସର ସ୍ୱତନ୍ତ୍ର ଟ୍ୟାସ୍କ ଫୋର୍ସ ଗିରଫ କରିଛି। ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ପାଇଁ କଲିକତା ଓ ୟୁପିକୁ ହାଇ ଆଲର୍ଟରେ ରଖାଯାଇଛି। ଅନୁପ୍ରବେଶ ଓ ଆତଙ୍କବାଦ ସହ କେନ୍ଦ୍ରାପଡ଼ା ଜିଲାର ସଂଯୋଗ ରହିଥିବା ବେଳେ ଜିଲା ପ୍ରଶାସନ ଅଥବା ରାଜ୍ୟ ସରକାର କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ଜିଲାର ୪୮ କି.ମି. ଖୋଲାମେଲା ସମୁଦ୍ର ତଟାଞ୍ଚଳ ଏବେ ବି ମୁକୁଳା ପଡ଼ିଥିବାରୁ ଅନୁପ୍ରବେଶକାରୀ ପଶି ଆସିବା ନେଇ ଜିଲାବାସୀ ଭୟଭୀତ ହୋଇଛନ୍ତି।

୨୦୦୮ରେ ବମ୍ବେ ଆକ୍ରମଣ ପରେ ସମସ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ ନଜର ରଖିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଏନ୍‌ଆଇଏ ଦ୍ୱାରା ସନ୍ଦିଗ୍ଧ ଆତଙ୍କବାଦୀ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତେଣ୍ଡାକୁଡ଼ା ଗ୍ରାମର ହବିବୁର ରହେମାନ ୨୦୧୮ରେ ଧରା ପଡ଼ିବା ପରେ ଏ ନେଇ ଆଲୋଚନା ହୋଇଥିଲା। ୨୦୦୭ରେ ରାଜସ୍ଥାନର ଭାରତ ଓ ପାକିସ୍ତାନ ସୀମାରୁ ଗିରଫ ହୋଇଥିବା କେନ୍ଦ୍ରାପଡ଼ା ଜିଲା ଟାଉନ ଥାନା ଅନ୍ତର୍ଗତ ରଣପଡ଼ାର ମହମ୍ମଦ ଜାଭେଦଙ୍କୁ ରାଜସ୍ଥାନ ପୋଲିସ ୨୦୧୦ରେ ଏଠାକୁ ଆସି ଖୋଜିଥିଲା। ଏଥିସହ ଭିତରକନିକା ଅଞ୍ଚଳରୁ ପୂର୍ବରୁ ବେଆଇନ ରେଡିଓ ଷ୍ଟେଶନ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଏବେ ମଧ୍ୟ ସି' ସଟଲ ମାଧ୍ୟମରେ ବାଂଲାଦେଶୀ ଏହି ଜିଲାକୁ ପଶି ଆସି ବସବାସ କରୁଥିବା ବହୁ ଅଭିଯୋଗ ହୋଇଛି। ଏପରି କି ବାଂଲାଦେଶର ଅମିତ ରାୟଙ୍କ ଭିଜା ଓ ଅନ୍ୟାନ୍ୟ କାଗଜପତ୍ର ଜିଲା ପ୍ରଶାସନ ୨୦୧୮ରେ ଜବତ କରିଛି। ଏହାସତ୍ତ୍ୱେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଜିଲାର ଉପାନ୍ତ ଅଞ୍ଚଳରେ ବଢ଼ି ଚାଲିଥିବା ଆଲୋଚନା ହେଉଛି।

ଏ ନେଇ ବୁଦ୍ଧିଜୀବୀ ରମେଶ ଚନ୍ଦ୍ର ସୂତାର କହିଛନ୍ତି, ୨୦୦୫ରେ ଜିଲା ପ୍ରଶାସନ ୧୫୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଥିଲେ। ତେବେ ଚିହ୍ନଟକୁ ନେଇ ଆପତ୍ତି ଅଭିଯୋଗ ପରେ ଦେଶରୁ ବିଦା କରିବା ସମ୍ଭବ ହୋଇନାହିଁ। ଜିଲାରେ ୩ ସାମୁଦ୍ରିକ ଥାନା ଅଛି। ତେବେ କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ବାଂଲାଦେଶୀ ଅନୁପ୍ରବେଶକୁ ରୋକା ଯାଇପାରୁନାହିଁ। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ ସଂଖ୍ୟା ଓଡ଼ିଆ ଭାଷୀଙ୍କଠାରୁ ବହୁ ଗୁଣରେ ଅଧିକ ହୋଇଥିବା ସେ ପ୍ରକାଶ କରିଛନ୍ତି।

ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଏବେ ବାଂଲାଦେଶୀଙ୍କ ଭିଡ଼ ଅଧିକ ହେଉଛି। ଏଥିପାଇଁ ସମୁଦ୍ର ପଥ, କଲିକତା ଓ ମାଲକାନଗିରି ରାସ୍ତା ସେମାନଙ୍କୁ ବେଶ୍ ସୁହାଉଛି। ଏହାବ୍ୟତୀତ ପୂର୍ବରୁ ରହୁଥିବା ବାଂଲାଦେଶୀ ସେମାନଙ୍କ ପାଇଁ ଏଠାରେ ରହିବାର ସମସ୍ତ ବାଧା ହଟାଇବା ଲାଗି ବ୍ୟବସ୍ଥା କରୁଛନ୍ତି। ଏଠାରେ ଜନ୍ମିତ ବୋଲି ପ୍ରମାଣିତ କରିବାକୁ ସ୍ଥାନୀୟ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିଥିବା ପ୍ରମାଣପତ୍ର ଯୋଗାଇ ଦେବାଠାରୁ ଆରମ୍ଭ କରି ସରକାରୀ ଯୋଜନାରେ ସାମିଲ କରୁଛନ୍ତି। ଏପରି କି ସେମାନଙ୍କୁ ଭୂମିହୀନ ଦର୍ଶାଇ ବସୁନ୍ଧରା ଯୋଜନାରେ ଘର ପାଇଁ ଜମି ନେଉଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟୀକରଣ ଏହି ଜିଲାରେ ଜରୁରୀ ହୋଇପଡ଼ିଥିବା ବେଳେ ଆତଙ୍କବାଦୀ ଏଠାରେ ରହି ଦେଶ ବିରୋଧରେ କାର୍ଯ୍ୟ କରିବା ଅସମ୍ଭବ ନୁହେଁ। ଏ ସମ୍ପର୍କରେ ଏଏସ୍‌ପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତିଙ୍କୁ ପଚାରିବାରେ, ସାମୁଦ୍ରିକ ଥାନାର ଭିତ୍ତିଭୂମିକୁ ଉନ୍ନତୀକରଣ କରାଯାଉଛି। ନିକଟରେ ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ ଦୂର ହେବ ବୋଲି ସେ କହିଛନ୍ତି।

## ମନ ଜିଣୁଛି ୭ ଇଞ୍ଚର ବ୍ରହ୍ମ ତାଳଧ୍ୱଜ



ବିଭୂତି ତିଆରି କରିଥିବା ବ୍ରହ୍ମ ତାଳଧ୍ୱଜ ରଥକୁ ଦେଖାଉଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୩।୭

କେନ୍ଦ୍ରାପଡ଼ା ସହର ବଣିଆମାଳର ଶିଳ୍ପୀ ବିଭୂତି ଭୂଷଣ ମହାନ୍ତିଙ୍କ ୭ ଇଞ୍ଚର ବ୍ରହ୍ମ ତାଳଧ୍ୱଜ ରଥ ବହୁ ଶ୍ରଦ୍ଧାଳୁଙ୍କ ମନ ଜିଣୁଛି। ତାଙ୍କର ଏହି କୃତି ମାତ୍ର ୮ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଏ ସମ୍ପର୍କରେ ଶ୍ରଦ୍ଧାଳୁ ମାତୃଦତ୍ତ ମହାନ୍ତି କହିଛନ୍ତି, ବିଭୂତିଙ୍କ କଳା ନୈପୁଣ୍ୟ ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳେ। ଫାଇନ ଆର୍ଟ, ପତ୍ରରେ ଚିତ୍ର ଅଙ୍କନଠାରୁ ମୁରୁଜ କଳା ପ୍ରତି ତାଙ୍କର ଆଗ୍ରହ ରହିଛି। ଏହି କୁନି ରଥ ଆମକୁ ଭାବୁକ କରିଦେଇଛି। ଅବିକଳ ବ୍ରହ୍ମ ତାଳଧ୍ୱଜ ପରି ଏହି କୁନି ରଥ ନିର୍ମାଣ ହୋଇଛି। ତିନି ଦିଅଁଙ୍କ ସହ ବ୍ରହ୍ମ ତାଳଧ୍ୱଜ ରଥ ପରି ୧୪ଟି ଚକ ଅଛି। କରୋନା ସଂକ୍ରମଣ ପାଇଁ ରଥଦାଣ୍ଡରେ ବ୍ରହ୍ମ ତାଳଧ୍ୱଜ ଚଳିତ ବର୍ଷ ଗଡ଼ିନାହିଁ। ତେବେ ଏହି କୁନି ରଥରେ ଦିଅଁଙ୍କୁ ଦେଖି ଶ୍ରୀଜୀଉଙ୍କ ରୂପ ଆଗକୁ ଆସୁଛି। ଏ ସମ୍ପର୍କରେ ବିଭୂତି କହିଛନ୍ତି, ଶ୍ରୀଜୀଉଙ୍କ ରଥ ଗଡ଼ିବା ପାଇଁ ସମସ୍ତ ଶ୍ରଦ୍ଧାଳୁ ଚାହିଁବସିଥିଲେ। ଏଥିପାଇଁ ଆଇନର ସହଯୋଗ ଲୋଡ଼ା ହୋଇଥିଲା। ସୁପ୍ରିମକୋର୍ଟରୁ ନିରାଶ ପରେ ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା। ମାତ୍ର ୮ ଦିନରେ ମାଟି, ପଟି, ଧୂପକାଠି, କପଡ଼ା, ତୁଳସୀ ମାଳି, ଅଠା, ସରୁ ତାର ଆଦି ବ୍ୟବହାର କରାଯାଇ ଏହି ରଥ ନିର୍ମାଣ କରାଯାଇଛି। ରଥ ପାଇଁ ବିଭିନ୍ନ ବର୍ଗ ଲୋକଙ୍କଠାରୁ ଶୁଭେଚ୍ଛା ମିଳୁଥିବାରୁ ଖୁସି ଅନୁଭବ କରୁଥିବା ସେ କହିଛନ୍ତି।

## କୃଷି, ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ଜଗତ୍‌ସିଂହପୁର ଗସ୍ତ

ଜଗତ୍‌ସିଂହପୁର ଅଫିସ, ୧୩।୭

ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ମଙ୍ଗଳବାର ଦିନିକିଆ ଜଗତ୍‌ସିଂହପୁର ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ବିରିଡ଼ି ବ୍ଲକର ବାଲିଆ ଗ୍ରାମକୁ ଯାଇ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ହୋଇଥିବା ଝୋଟ ଓ ରାଜ୍ୟ ଯୋଜନାରେ କରାଯାଇଥିବା ମୂଳିଆଖୁ ପରିଚାଳନା କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଚାଷୀଙ୍କ ସହ ସାର, ବିହନ ମୂଲ୍ୟ, ଝୋଟର ବିକ୍ରିବଟା ଓ ଅମଳ ପରେ ଶକ୍ତି ସୁଗାର କମ୍ପାନୀ ଦ୍ୱାରା ଆଖୁ କ୍ରୟ ଆଦି ଉପରେ ଆଲୋଚନା କରିଥିଲେ। ତା'ପରେ ଗୋପୀନାଥପୁର ସେବା ସମବାୟ ସମିତିକୁ ଯାଇ ପିଏସ୍‌ଏସ୍ (ପ୍ରାଇସ୍ ସପର୍ଟ ସ୍କିମ୍) ଜରିଆରେ ମୁଗ କିଣାଯାଇ ନ ପାରିବାର କାରଣ ସମ୍ପର୍କରେ ଉପସ୍ଥିତ ଚାଷୀ ଓ ବିଭାଗୀୟ କର୍ମକର୍ତ୍ତାଙ୍କଠାରୁ ବୁଝିଥିଲେ।



ଡ. ଏମ୍. ମୁଥୁକୁମାର ସ୍ଥାନୀୟ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ଗତବର୍ଷ ଫେବ୍ରୁୟାରୀ ଓ ମାର୍ଚ୍ଚରେ ବର୍ଷାର ଅଭାବ ଯୋଗୁ ମୁଗ ଫସଲ ନଷ୍ଟ ହୋଇ ଯାଇଥିଲା ବୋଲି ଚାଷୀମାନେ କହିଥିଲେ। ଏହାପରେ ମୁଥୁକୁମାର ରଘୁନାଥପୁର ବ୍ଲକର ଗୁଆଳିପୁର ସେବା ସମବାୟ ସମିତି ଗସ୍ତ କରିଥିଲେ। ସେଠାରେ ମଧ୍ୟ ଉପସ୍ଥିତ ଚାଷୀମାନେ ଗତବର୍ଷ ମୁଗ ଫସଲ ନଷ୍ଟ ହେବାରୁ ମଣ୍ଡିରେ ବିକ୍ରି କରିବା ସମ୍ଭବ ହୋଇ ନ ଥିଲା ବୋଲି କହିଥିଲେ। ଏବେ କେନାଲ ସଫା କରାଯାଇ ଠିକ୍ ସମୟରେ ପାଣି ଛାଡିବାକୁ ଜଳସେଚନ ବିଭାଗକୁ ଜଣାଇବାକୁ ଚାଷୀମାନେ ଅନୁରୋଧ କରିଥିଲେ। ଚଳିତ ଖରିଫ ଚାଷର ଅଗ୍ରଗତି, ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଇତ୍ୟାଦି ପାଇବାରେ କ'ଣ ସବୁ ଅସୁବିଧା ରହିଛି ତା'ଉପରେ ମଧ୍ୟ ମୁଥୁକୁମାର ବୁଝିଥିଲେ। ଏହି କଟକ ଜିଲା ସମବାୟ ସମିତି ନିବନ୍ଧକଙ୍କ ସହ ଜଗତ୍‌ସିଂହପୁର ଜିଲା ମୁଖ୍ୟ କୃଷି ଅଧିକାରୀ, ଯୋଜନା ଅଧିକାରୀ, ଗ୍ରାମସେବକ, ବିରିଡ଼ି ଓ ରଘୁନାଥପୁର ବ୍ଲକର କୃଷି ଅଧିକାରୀମାନେ ଯୋଗ ଦେଇଥିଲେ।

## ଓକିଲଙ୍କ ଚାମ୍ବରରେ ପଶି ଭଙ୍ଗାରୁଜା

ଜଗତ୍‌ସିଂହପୁର ଅଫିସ, ୧୩।୭

ଜଗତ୍‌ସିଂହପୁର ଥାନା ବଡତିହେଡ଼ା ଗ୍ରାମର ଜଣେ ଓକିଲଙ୍କ ଚାମ୍ବରରେ ଭଙ୍ଗାରୁଜା ହୋଇଛି। ଏନେଇ ଓକିଲ ସୁଧାଂଶୁ ମୋହନ ମିଶ୍ର ସୋମବାର ଉକ୍ତ ଗ୍ରାମର ଦୁର୍ଗାପ୍ରସାଦ ପଣ୍ଡା (୪୦)ଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ ମାମଲା (ନଂ. ୩୬୫/୨୧) ରୁଜୁ ହୋଇଛି। ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ସେ ଜଣେ ବରିଷ୍ଠ ନାଗରିକ। ଗତ ୧୦ ତାରିଖ ରାତିପ୍ରାୟ ୯ଟା ୩୦ରେ ଚାମ୍ବରରୁ କାର୍ଯ୍ୟ ସାରୁଥିବାବେଳେ ପଣ୍ଡା ପହଞ୍ଚି ଗାଳିଗୁଲଜ କରିଥିଲେ। ମୋ ବାପା କଥାରେ ପଡ଼ି ମୋ ନାଁରେ ମାମଲା କରିବୁ କହି ଅଭିଯୁକ୍ତ ପଣ୍ଡା ଟେବୁଲରୁ ଫାଇଲ ଫୋପାଡି ଦେଇଥିଲେ। ଅଫିସରେ ଥିବା ଗୋଟିଏ ୫୩ ଇଞ୍ଚ ଟିଭି ତଳେ ଫୋପାଡି ଭାଙ୍ଗି ଦେଇଥିଲେ। ଏଥିସହ ମିଶ୍ରଙ୍କ ସ୍ତ୍ରୀଙ୍କ ନାମରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିଲେ। ଏହି ସମୟରେ ମିଶ୍ର ଚିତ୍କାର କରିବାରୁ ସେଠାରେ ପୁଅ ଓ ଗାଁ ଲୋକେ ପହଞ୍ଚି ଯାଇଥିଲେ। ଫଳରେ ସେ ରକ୍ଷା ପାଇଯାଇଥିଲେ। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ପଟ୍ଟାମୁଣ୍ଡାଇ ପୌର ପରିଷଦର ୨ ଗାଡ଼ି ଜବତ



ତହସିଲ ସମ୍ମୁଖରେ ଅଳିଆ ପକାଉଥିବା ପଟ୍ଟାମୁଣ୍ଡାଇ ପୌର ପରିଷଦର ଗାଡି।

ପଟ୍ଟାମୁଣ୍ଡାଇ, ୧୩।୭(ସ୍ୱ.ପ୍ର.)

**ତହସିଲ ଅଫିସ ସମ୍ମୁଖରେ ଅଳିଆ ଫିଙ୍ଗା**

ପଟ୍ଟାମୁଣ୍ଡାଇ ପୌର ପରିଷଦର ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରାଯାଇ କଟକର ଚନ୍ଦନ ସିକ୍ୟୁରିଟି ସର୍ଭିସକୁ ଦିଆଯାଇଛି। ଏହି ସଂସ୍ଥା ପଟ୍ଟାମୁଣ୍ଡାଇ ପୌରାଚଂଳର ଅଳିଆ ଆଣି ତହସିଲ ଅଫିସ ସମ୍ମୁଖରେ ଥିବା କଚେରୀ ପୋଖରୀ ନିକଟରେ ପକାଇବା ଫଳରେ ପରିବେଶ ଦୂଷିତ ହେବା ସହ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନିକଟରେ ପଟ୍ଟାମୁଣ୍ଡାଇ ପ୍ରସିଦ୍ଧ ଶ୍ରୀରାମ ମନ୍ଦିର ରହିଛି। ଏଥିନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବା ପରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀ ଏଥିରେ ହସ୍ତକ୍ଷେପ କରି ମଙ୍ଗଳବାର ପୌରପରିଷଦର ଦୁଇଟି ଅଳିଆ ବୁହା ଗାଡି ଜବତ କରିଥିଲେ। ଚନ୍ଦନ ସିକ୍ୟୁରିଟି ସର୍ଭିସ ପର୍ଯ୍ୟବେକ୍ଷକ ଗଣେଶ ରାଉତ ଅଳିଆ ନ ପକାଇବାକୁ ଅଣ୍ଡରଟେକିଂ ଲେଖି ଗାଡି ଦୁଇଟି ନେଇଥିବା ଜଣାପଡିଛି।

## ଟାଙ୍ଗରପାଲି ପୋଲିସକୁ ଘେରିଲେ ମହିଳା

**ଅଭିଯୋଗର ତଦନ୍ତ ପାଇଁ ଆସିଥିବା ବେଳେ ହଟହଟା**

ବାଲିଆ, ୧୩।୭

ରାଉରକେଲା ଟାଙ୍ଗରପାଲି ଥାନା ପୋଲିସ ଜଣେ ମହିଳାଙ୍କ ଅଭିଯୋଗକ୍ରମେ ବିରିଡି ଥାନା ୨୨ମୌଜାସ୍ଥିତ ପୂରଣ ଗାଁକୁ ସୋମବାର ଆସି ହଟହଟା ହୋଇଛି। ୫୦ରୁ ଊର୍ଦ୍ଧ୍ୱ ମହିଳା ଟାଙ୍ଗରପାଲି ଥାନାରୁ ଆସିଥିବା ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଘେରି ସମ୍ପୃକ୍ତ ମହିଳାଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଫଳରେ ପୋଲିସ ଉକ୍ତ ସ୍ଥାନ ଛାଡି ଚାଲିଯାଇଛି। ମହିଳାଙ୍କ ଘର ଟାଙ୍ଗରପାଲି ଅଞ୍ଚଳରେ ହୋଇଥିବା ବେଳେ ଶାଶୁଘର ପୂରଣ ଗାଁରେ। କିଛି ମାସ ପୂର୍ବେ ସମ୍ପୃକ୍ତା ମହିଳା ଶାଶୁଘରୁ ପଳାଇ ରାଉରକେଲାରେ ବାପା ଘରେ ରହୁଥିଲେ। ସେଠି ସେ ଥାନାରେ ସ୍ୱାମୀ ଓ ଶ୍ୱଶୁରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଝିଅକୁ ଶାଶୁଘରୁ ନେଇ ଆସିବାକୁ କହିଥିଲେ। ସୋମବାର ଉକ୍ତ ଥାନାର ଜଣେ ମହିଳା ପୋଲିସ ଅଧିକାରୀ ଓ ଆଉ ୨ଜଣ କର୍ମଚାରୀ ବିରିଡି ଥାନାର କେତେଜଣ କର୍ମଚାରୀ ଗାଁରେ ପହଞ୍ଚି ଝିଅକୁ ନେବାକୁ ଆସିଥିଲେ। ସେଠାରେ ପହଞ୍ଚିବା ପରେ ଓଲଟା ଅଭିଯୋଗକାରିଣୀ ବିରୋଧରେ ଅଭିଯୋଗ ଶୁଣିଥିଲେ। ସମ୍ପୃକ୍ତ ମହିଳା ପୂରଣ ଗାଁର ଏସ୍‌ଏଚ୍‌ଜି ଗ୍ରୁପର ସିଆରପି ଭାବେ କାମ କରୁଥିଲେ। ଏହାର ସୁଯୋଗ ନେଇ ସେ ୩ ଲକ୍ଷ ଟଙ୍କା ଠକି ପଳାଇଛନ୍ତି ବୋଲି ସଦସ୍ୟାମାନେ ଅଭିଯୋଗ କରିଥିଲେ। ସ୍ୱାମୀ ଓ ଶ୍ୱଶୁରଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମନଗଢ଼ା ବୋଲି ସେମାନେ ଦର୍ଶାଇଥିଲେ। ଅପରପକ୍ଷେ ଝିଅ ମଧ୍ୟ ସମ୍ପୃକ୍ତା ମହିଳାଙ୍କ ସହ ରହିବାକୁ ମନା କରିଦେବାକୁ ଟାଙ୍ଗରପାଲି ପୋଲିସ ଫେରିଯିବାକୁ ବାଧ ହୋଇଛି। ଏ ସମ୍ପର୍କରେ ବିରିଡ଼ି ଥାନା ଅଧିକାରୀ ସର୍ବେଶ୍ୱର ବେହେରାଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବର୍ଦ୍ଧିତ ଦର ବିରୋଧରେ ବିକ୍ଷୋଭ

ପାରାଦୀପ, ୧୩।୭(ସ୍ୱ.ପ୍ର.)

ପାରାଦୀପ ପିପିଏଲ ଛକ ନିକଟରେ ଥିବା ଏକ ତେଲଟାଙ୍କି ପାଖରେ ମଙ୍ଗଳବାର ଆଇଏନ୍‌ଟିୟୁସି ଯୁବ ଶାଖା ପକ୍ଷରୁ କିଛି ସମୟ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେଲ ଦର ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ ଏହି ବିକ୍ଷୋଭ କରାଯାଇଥିଲା। ଏନେଇ ଜନମତ ସଂଗ୍ରହ ହୋଇଥିଲା। ସଙ୍ଗଠନର କର୍ମକର୍ତ୍ତା ପ୍ରିୟବ୍ରତ ନାୟକ, ସୁରେନ୍ଦ୍ର ମହାନ୍ତ, ଅର୍ଦ୍ଧେନ୍ଦୁ ଦାଶ, ଅଭିନନ୍ଦନ ସେଠି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ଧାରଣା

ଆଳି, ୧୩।୭(ଡି.ଏନ.ଏ.)

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ଖାଇବା ତେଲ ଦର ବଢ଼ିଚାଲିଛି। ଯାହାର ପ୍ରଭାବ ସିଧାସଳଖ ମଧ୍ୟବିତ୍ତ ଓ ନିମ୍ନ ବର୍ଗର ପରିବାର ଉପରେ ପଡୁଛି। କେନ୍ଦ୍ରରେ ଉପା ସରକାର ଅମଳରେ ପେଟ୍ରୋଲ, ଡିଜେଲ ଦର ୫୦ରୁ ୬୦ ଥିବାବେଳେ ଏବେ ତାହା ଡବଲ ହୋଇଯାଇଛି। ସେତେବେଳେ ରନ୍ଧନ ଗ୍ୟାସ ୫ ଶହ ଥିବାବେଳେ ଏବେ ତାହା ଡବଲ ହେବାକୁ ବସିଲାଣି। ଭୁଟାନ, ବାଂଲାଦେଶ, ପାକିସ୍ତାନ ଭଳି ଦେଶରେ ତୈଳ ଦର ଭାରତଠାରୁ ଅଧା। ଏହାରି ବିରୋଧରେ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଆଳିର ସମସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଏଥିରେ ସେକ୍ ମୁସ୍ତାଫିଜ, ଅବଦୁଲ ଆହାଦ, ନଭେଦ ଆଲାମ, ସେକ୍ ସମିଉଲା, ସେକ୍ ରାଜୁ, ଆତାଉଲା, ସେକ୍ ମୋଜିବୁରଙ୍କ ସହ ସଙ୍ଗଠନର ଯୁବକମାନେ ଧାରଣା ଦେଇଥିଲେ।

## ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା କରାଯିବ

**ପ୍ରଶାସନିକ ଅଧିକାରୀଙ୍କ ସହ ଚାନ୍ଦୋଳ ବଜାର କମିଟିର ବୈଠକ**

ଡେରାବିଶ, ୧୩।୭(ସ୍ୱ. ପ୍ର.)

ପୁରାତନ ଚାନ୍ଦୋଳ ହାଟ ଓ ବଜାର ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ପଡିରହିଛି। ବଜାର ଉପରେ ଆଖପାଖ ୧୫ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ବିଭିନ୍ନ ସମସ୍ୟାର ଦୃଷ୍ଟିପ୍ରିଷ୍ଟ ନେଇ ଚାନ୍ଦୋଳ ବଜାର କମିଟି ପକ୍ଷରୁ ଫାଣ୍ଡି ଛକ ନିକଟସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଯୁଗ୍ମ ସମ୍ପାଦକ ମିହିର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ କମିଟିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କମିଟି ସଭାପତି ଶିବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାପ୍ତାହିକ ହାଟ, ରାସ୍ତା ଜାମ, ପାନୀୟ ଜଳ, ଆଲୋକୀକରଣ, ଶୌଚାଳୟ, ଗାଡି ପାର୍କିଂ ଆଦି ସମସ୍ୟା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସରକାରୀ ଜାଗା ଜବରଦଖଲ ଥିବାରୁ ଉନ୍ନୟନମୂଳକ କାମରେ ବାଧା ଉପୁଜୁଛି। ଏଣୁ ଆବଶ୍ୟକ ମୁତାବକ ସରକାରୀ ଜାଗାକୁ ଚିହ୍ନଟ କରି ଶୌଚାଳୟ ନିର୍ମାଣ କରାଯିବ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି। ପିଇବା ପାଣି ବ୍ୟବସ୍ଥା ସହ ସଫେଇ କାର୍ଯ୍ୟ ପାଇଁ ସମସ୍ତ ସୁବିଧା କରାଯିବ ବୋଲି ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର ପ୍ରତିଶ୍ରୁତି ଦେଇଛନ୍ତି। ବଜାରର ମୁଖ୍ୟ ରାସ୍ତା ଉପରୁ ଅନ୍ୟତ୍ର ସୁବିଧା କରାଇ ହାଟକୁ ଥଇଥାନ କରିବା ନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଜୟ କୁମାର ରାଉତ ପ୍ରସ୍ତାବ ଦେଇଛନ୍ତି। ବଜାରକୁ ସଂଲଗ୍ନ ଥିବା ୧୨ ନମ୍ବର କେନାଲ ସଫେଇ, ଭଙ୍ଗା ପୋଲ ନିର୍ମାଣ ସମସ୍ୟାର ସମାଧାନ କରାଯିବ ବୋଲି ଜଳସେଚନ ବିଭାଗ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ କହିଛନ୍ତି। ଏଥିରେ ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ବଜାର କମିଟିର ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ବିଶ୍ୱ ମୋହନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଖଣି ଅଞ୍ଚଳରେ ବଢୁଛି ଟ୍ରାଫିକ୍ ସମସ୍ୟା

କାଳିଆପାଣି, ୧୩।୭(ଡି.ଏନ.ଏ.)

କାଳିଆପାଣି ଥାନା ଅଧୀନ ସୁକିନ୍ଦା ଖଣି ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଖଣିକୁ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ଉପରେ ପ୍ରଶାସନର ଲଗାମ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି। ଏପରିସ୍ଥଳେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଅଞ୍ଚଳରେ ଲାଗୁ ହୋଇଛି। ତେବେ ପାର୍କିଂ ୟାଡ୍ ନ ଥିବାରୁ ସମସ୍ୟା ସୃଷ୍ଟି ବଢୁଛି। ଟ୍ରକ୍‌ଗୁଡ଼ିକ ଲୋଡିଂ ପାଇଁ ଆସୁଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ଛିଡ଼ା ହେଉଛନ୍ତି। ଟମକା ମଙ୍ଗଳପୁର ରାସ୍ତାର କମର୍ଦ୍ଧା ଖଣିରୁ ଆରମ୍ଭ କରି ଭିମଟାଙ୍ଗର ଫେକର ଖଣିକୁ ଆସୁଥିବା ଟ୍ରକ୍‌ଗୁଡ଼ିକ ରାସ୍ତା ଉପରେ ଠିଆ ହେଉଛନ୍ତି। ବିଶେଷକରି ଖଣି ନିଗମ ଦ୍ୱାରା ନିର୍ମିତ କୋଳିପଶି ପାର୍କିଂୟାଡ୍‌ରୁ ଖଣିକୁ ଆସୁଥିବା ଟ୍ରକ୍‌ଗୁଡ଼ିକ ଏକା ସାଙ୍ଗେ ଆସିଥିବାରୁ ରାସ୍ତା ଗହଳି ହେଉଛି। ରାସ୍ତାର ଦୁଇ କଡ଼ରେ ବେପରୁଆଭାବେ ଠିଆ ହୋଇଥିବା ଟ୍ରକ୍‌ଗୁଡ଼ିକ ଯୋଗୁ ମଝିରେ ଆସୁଥିବା ଟ୍ରକ୍ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି।

ଏହି ସମୟରେ ଆମ୍ବୁଲାନ୍ସ ଓ ବାଇକ୍ ଆରୋହୀ ଘଣ୍ଟାଘଣ୍ଟା ଧରି ଅଟକି ରହୁଛନ୍ତି। ସେହିପରି ଓଏମ୍‌ସି ଟାଉନଶିପ ନିକଟରେ ଥିବା ଟିଏସଆଇଏଜ ଦ୍ୱାରା ଅନୁରୂପ ଭାବେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଖଣି ନିଗମ ପକ୍ଷରୁ ପରିବହନ ଓ ଖଣି କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ରାଜ୍ୟ ଗୃହ ବିଭାଗର ଓଆଇଏସ୍‌ଏଫ୍(ଓଡ଼ିଶା ଇଣ୍ଡଷ୍ଟ୍ରିୟାଲ ସିକ୍ୟୁରିଟି ଫୋର୍ସ)କୁ ନିଯୁକ୍ତି କରାଯାଇଛି। ହେଲେ ନିଗମ ଦ୍ୱାରା ଉପୁଜିଥିବା ଏହି ସମସ୍ୟାକୁ ସମାଧାନ କରିବା ଦିଗରେ ସିକ୍ୟୁରିଟି ଫୋର୍ସ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଟ୍ରାଫିକ୍ ସମସ୍ୟା ଯୋଗୁ ଆମ୍ବୁଲାନ୍ସରେ ଯାଉଥିବା ରୋଗୀ ଠିକରେ ଡାକ୍ତରଖାନାରେ ପହଞ୍ଚି ପାରୁନାହାନ୍ତି। ସାଧାରଣଲୋକ ନିଜ କର୍ମବ୍ୟସ୍ଥଳକୁ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ଏହା ଉପରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହା ନ ନେଲେ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଯୁବନେତା ଦିଲୀପ ମହାନ୍ତ, ଦିଲୀପ ପାତ୍ର, ଲମ୍ବୋଦର ମହାନ୍ତ ଓ ବିବେକ ମୁର୍ମୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି, ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ।




## ବିଧାୟକ, ଯନ୍ତ୍ରୀଙ୍କୁ ଲୋକାୟୁକ୍ତଙ୍କ କ୍ଲିନ୍‌ଚିଟ୍

**କେଲୁଅ ନଦୀବନ୍ଧ ଭାଙ୍ଗିବା ମାମଲା**

ଯାଜପୁର ଅଫିସ, ୧୩।୭

୨୦୨୦ ଅଗଷ୍ଟ ୨୮ରେ ଯାଜପୁର ଜିଲା କେଲୁଅ ନଦୀବନ୍ଧ ଭଙ୍ଗା ମାମଲାରେ ଲୋକାୟୁକ୍ତ ଅଭିଯୁକ୍ତ ଦର୍ଶାଇଥିବା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି । ଗତ ବନ୍ୟା ସମୟରେ କେଲୁଅ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଥିଲା । ଏଥିଯୋଗୁ ଶତାଧିକ ହେକ୍ଟର ଚାଷ ଜମି ନଷ୍ଟ ହୋଇଥିଲା । ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହିକ୍ରମରେ ଏଲ୍‌ଏ ୧୦୨୭/୨୦୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା । ଏହାପରେ ଲୋକାୟୁକ୍ତ ଭିଜିଲାନ୍ସ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାରେ ଜାଣିଶୁଣି ଡିନାମାଇଟ ଲଗାଇ ନଦୀବନ୍ଧରେ ଘାଇ ସୃଷ୍ଟି କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ତଦନ୍ତରେ ଅଭିଯୋଗ ମିଥ୍ୟା ବୋଲି ପ୍ରମାଣ ମିଳିଥିଲା। ଭିଜିଲାନ୍ସ ଲୋକାୟୁକ୍ତରେ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ଗତ ୯ ତାରିଖରେ ମାମଲାର ଶୁଣାଣି ହୋଇଥିଲା । ଫରେନ୍ସିକ ରିପୋର୍ଟରୁ ବି ରାସାୟନିକ ପଦାର୍ଥ ପ୍ରୟୋଗର ପ୍ରମାଣ ପାଇନାହିଁ ଭିଜିଲାନ୍ସ । ସୂଚନାଯୋଗ୍ୟ, ୨୧.୯୯ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ଏହି ନଦୀବନ୍ଧ କାମ କରିଥିଲା ।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ଲେଖି ୨ ଭାଜପା କର୍ମୀ ଗିରଫ

**ପାତ୍ରପୁର, ୧୩।୭(ଡି.ଏନ.ଏ.):** ଚିକିଟି ନିର୍ବାଚନ ମଣ୍ଡଳୀ ବିଜେଡି ଓ ଭାଜପାର ହ୍ୱାଟସ୍‌ଆପ ଗ୍ରୁପରେ ଅଶ୍ଳୀଳ ଭାଷାରେ କମେଣ୍ଟ ମରାଯାଇଥିବା ନେଇ ଦୁଇ ଦଳ ପକ୍ଷରୁ ପରସ୍ପର ବିରୋଧରେ ଅଭିଯୋଗ ହୋଇଛି। ବିଜେଡି କର୍ମୀଙ୍କ ଅଭିଯୋଗ ପ୍ରକାରେ ଜରଡ଼ା ଥାନା ପୋଲିସ ମଙ୍ଗଳବାର ୨ ଭାଜପା କର୍ମୀଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ବିଜେଡିର କିଛି ଗ୍ରୁପ ଓ କେତେଜଣଙ୍କ ବିରୋଧରେ ସମାନ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନ ଥିବା ଜଣାପଡ଼ିଛି। ଶାସକ ଦଳର ନେତା ମାନେ ପୋଲିସକୁ ହାତବାରିସି କରଛନ୍ତି ବୋଲି ଭାଜପା ଯୁବନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ଅଭିଯୋଗ କରିଛନ୍ତି । ଏନେଇ ଜରଡ଼ା ଥାନା ଅଧିକାରୀ ଭବାନନ୍ଦ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉଭୟ ପକ୍ଷରୁ ଏତଲା ହୋଇଛି। ମାମଲା ନଂ.୧୫୮/୨୧ରେ ଭାଜପାର ଦୁଇ କର୍ମୀଙ୍କୁ ଗିରଫ କରାଯାଇଛି। ବିଜେଡିର କୌଣସି ଲୋକଙ୍କୁ ଗିରଫ କରାଯାଇ ନାହିଁ। ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।

### ବାଇକ୍ ଜବତ, ଲୁଟେରା ଗିରଫ

**ଆସିକା, ୧୩।୭(ଡି.ଏନ.ଏ.):** ଆସିକା ଥାନା ଇଲାକାରୁ ଚୋରି ହୋଇଥିବା ଗୋଟିଏ ବାଇକ୍‌କୁ ମଙ୍ଗଳବାର ପୋଲିସ ପୋଲସରା ଥାନା ରୁମାଗଡ ଗ୍ରାମରୁ ଜବତ କରିଛି । ଏଥିରେ ସମ୍ପୃକ୍ତ ସେହି ଗ୍ରାମର ମନୋଜ କୁମାର ଗୌଡଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଇକ୍‌କୁ ପୋଲିସ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଛି। ଆସିକା ଥାନା ବଜ୍ରକୋଟ ଗ୍ରାମରୁ ଗତ ବୁଧବାର ରାତିରେ ବିଭୂତି ନାହାକଙ୍କ ଘର ବାରଣ୍ଡାରୁ ତାଙ୍କ ବାଇକ୍ ଚୋରି ହୋଇଥିଲା। ବାଇକ୍ ମାଲିକଙ୍କ ଏତଲା କ୍ରମେ ଆସିକା ଥାନାରେ ନଂ. ୪୬୨/୨୧ରେ ମାମଲା ରୁଜୁ ହୋଇଥିଲା ।

### ଏସ୍‌ଭିଟି ହାଇସ୍କୁଲକୁ ୧ ଲକ୍ଷ ୨୫ ହଜାର ସହାୟତା

**ଗୋଷାଣୀ, ୧୩।୭:** ଗୋଷାଣୀ ବ୍ଲକ ଗାରାବନ୍ଧ ଏସ୍‌ଭିଟି ହାଇସ୍କୁଲକୁ ସମ୍ବଲପୁର ଗଙ୍ଗାଧର ମେହର ବିଶ୍ୱବିଦ୍ୟାଳୟ କୁଳପତି ଏନ.ନାଗାରାଜୁ ୧ ଲକ୍ଷ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେଥିରୁ ୫୦ ହଜାର ଟଙ୍କା ମୋ ସ୍କୁଲକୁ ପ୍ରଦାନ କରିଛନ୍ତି। ଆଉ ୭୫ ହଜାର ଟଙ୍କା ତାଙ୍କର ପିତା ସ୍ୱର୍ଗତ ଏନ.ଆଦିନାରାୟଣାଙ୍କ ସ୍ମୃତିରେ ସ୍କୁଲ ନାମରେ ଡିପୋଜିଟ କରାଯାଇଛି। ସ୍କୁଲରେ ଯେଉଁ ଛାତ୍ରୀଛାତ୍ର ଅଧିକ ମାର୍କ ରଖିବେ ତାହାର ସୁଧ ଟଙ୍କାରେ ପୁରସ୍କାର ଦିଆଯିବ ବୋଲି ଏନ.ନାଗାରାଜୁ କହିଥିଲେ। ଏନ. ନାଗାରାଜୁ ୧୯୭୧ରୁ ୧୯୭୭ ପର୍ଯ୍ୟନ୍ତ ଏହି ହାଇସ୍କୁଲରୁ ଶିକ୍ଷା ଗ୍ରହଣ କରିଥିଲେ। ସେ ବଡ଼କତୁରୁ ପଞ୍ଚାୟତର ଛତ୍ରପୁରୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ।

### ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ

**ବୁଗୁଡ଼ା, ୧୩।୭(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆନୁକୁଲ୍ୟରେ ସ୍ଥାପିତ ଗ୍ରାହକ ସେବା କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଗ୍ରାହକ ସେବା କେନ୍ଦ୍ରର ପରିଚାଳିକା ଉଷା ରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଗୁଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅନୁପମ ପାଭେଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେବା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ୟାଙ୍କର କ୍ଷେତ୍ର ଅଧିକାରୀ ପୁଲିନ୍ ସାହୁ ଓ ମାଣିତରା ସରପଞ୍ଚ ପ୍ରତିନିଧି ବବୁଲ୍ ନାୟକ ଯୋଗଦାନ କରିଥିଲେ।

### ସାପ୍ତାହିକ ହାଟ, ଗହଳି ନାହିଁ

**ଗୋଷାଣୀ, ୧୩।୭:** ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧରେ ପ୍ରତି ମଙ୍ଗଳବାର ସାପ୍ତାହିକ ହାଟ ହୋଇଥାଏ। କୋଭିଡ କଟକଣା ଯୋଗୁ ସାପ୍ତାହିକ ହାଟ ବନ୍ଦ ରହିଥିଲା। ପ୍ରଶାସନ ସାପ୍ତାହିକ ହାଟ ଖୋଲିବା ପାଇଁ ଅନୁମତି ଦେବାରୁ ମଙ୍ଗଳବାର ଖୋଲାଯାଇଥିଲେ ମଧ ସେପରି ଗହଳି ନଥିଲା। ବ୍ୟବସାୟୀମାନେ ରାସ୍ତାର ଦୁଇ ପାର୍ଶ୍ୱରେ ବସିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଜନସାଧାରଣଙ୍କ ଗହଳି ନ ଥିଲା। ବର୍ଷା ଯୋଗୁ ଲୋକେ ଆସିପାରିନଥିବା କେତେକ ବ୍ୟବସାୟୀ କହିଛନ୍ତି। ପ୍ରାୟ ୩ଟା ପର୍ଯ୍ୟନ୍ତ କିଛି ବ୍ୟବସାୟ ହୋଇନଥିବା ବ୍ୟବସାୟୀ କହିଛନ୍ତି।

### ସୋଲାର ପ୍ଲେଟ୍ ଚୋରି ଅଭିଯୋଗ

**ବୁଗୁଡ଼ା, ୧୩।୭(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ କତକଲା ଗ୍ରାମର ଜୁଗୁନା ସ୍ୱାଇଁଙ୍କ ମକା ପଦରରୁ ସୋଲାର ପ୍ଲେଟ୍ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ବୁଦ୍ଧଖୋଲ ପାଦଦେଶ ନିକଟରେ ଥିବା ଜୁଗୁନାଙ୍କ ପଦରରେ ଉଠା ଜଳସେଚନ ପାଇଁ ସରକାରୀ ରିହାତି ଦରରେ ସୋଲାର ପମ୍ପ ସ୍ଥାପନ କରିଥିଲେ। ସେଥିରେ ଲାଗିଥିବା ୧୫ ସୋଲାର ପ୍ଲେଟ୍ ମଧରୁ ଗତ ରାତିରେ କୌଣସି ଦୁର୍ବୃତ୍ତ ୪ ପ୍ଲେଟ ଚୋରି କରି ନେଇଛନ୍ତି। ପୋଲିସ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି।

# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ନୟାଗଡ଼ ଅଫିସ, ୧୩।୭**

ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତି ଚାଲିଥିବା ବେଳେ ନୟାଗଡ଼ ଜିଲା ଭାପୁର ବ୍ଲକରେ ରାଜନୈତିକ ପାଣିପାଗ ବଦଳିବା ଆରମ୍ଭ ହୋଇଛି। ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଉପଜିଲାପାଳଙ୍କ ନିକଟରେ ମଙ୍ଗଳବାର ଆବେଦନ କରାଯାଇଛି। ବ୍ଲକର ୧୮ଜଣ ସମିତିସଭ୍ୟ ଓ ସରପଞ୍ଚଙ୍କ ସ୍ୱାକ୍ଷର ଥିବା ଏହି ଆବେଦନ ପତ୍ରକୁ ୫ଜଣ ପଞ୍ଚାୟତ ପ୍ରତିନିଧି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ସୃଷ୍ଟି ବିବାଦ ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ।

ଜାଲ ଦସ୍ତଖତ ଓ ନକଲି ଲେଟର ପ୍ୟାଡ୍‌କୁ ବ୍ୟବହାର କରି ୨ ବର୍ଷ ହେଲା ଉପାଧ୍ୟକ୍ଷ ଗୟାଧର ପରିଡ଼ା ସରକାରୀ କାର୍ଯ୍ୟରେ ଅନିୟମିତତା, ସରକାରୀ ଟଙ୍କା ଆତ୍ମସାତ୍ କରୁଛନ୍ତି । ଏପରି ଦୁର୍ନୀତିରେ ତାଙ୍କୁ ଫସାଇବାକୁ ସେ ଉଦ୍ୟମ କରିଛନ୍ତି ବୋଲି ଦର୍ଶାଇ ନିଜେ ଅଧ୍ୟକ୍ଷା ବେହେରା ଫତେଗଡ ଥାନାରେ ରବିବାର ଅଭିଯୋଗ କରିଥିଲେ। ଏହାର ପ୍ରତିବାଦ କରିବାରୁ ବିଭିନ୍ନ ସମୟରେ ତାଙ୍କୁ ହତ୍ୟା ଧମକ ଦିଆଯାଉଛି । ଏପରି କି ତାଙ୍କୁ ଜାତିଆଣ ଆକ୍ଷେପ ସହିବାକୁ ପଡ଼ିଥିବା ଅଧ୍ୟକ୍ଷା ଦର୍ଶାଇଥିଲେ। ଏହି ଅନିୟମିତତାର ତଦନ୍ତ କରି ଉପାଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଥିଲେ। ଇତିମଧ୍ୟରେ ୩ ଦିନ ବିତିଛି, ତଥାପି ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏହି ସୁଯୋଗରେ ଉପାଧ୍ୟକ୍ଷଙ୍କ ସହଯୋଗୀମାନେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ କରିବା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଛି।

**ଶାସକ ଦଳ ୨ ଭାଗ**

୨୦୧୭ ପଞ୍ଚାୟତ ନିର୍ବାଚନରେ ଭାପୁର ବ୍ଲକକୁ ବିଜେଡି ନିଜ ଦଖଲରେ ରଖିଥିଲା। ଶାନ୍ତିଲତା ବେହେରା ଅଧ୍ୟକ୍ଷା ଓ ଗୟାଧର ପରିଡ଼ା ଉପାଧ୍ୟକ୍ଷ ହୋଇଥିଲେ। ସବୁ ଠିକ୍ ଚାଲିଥିଲା। ହେଲେ ରବିବାର ଅଧ୍ୟକ୍ଷା ଫତେଗଡ଼ ଥାନାରେ ଉପାଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ କରିବା ପରେ ସ୍ଥିତି ବଦଳି ଯାଇଛି। ଏକାଠି କାମ କରୁଥିବା ଦୁଇ ନେତା ପରସ୍ପର ବିରୋଧରେ ଆକ୍ଷେପ ପ୍ରତି ଆକ୍ଷେପ କରୁଛନ୍ତି। ଜଣେ ଲୋକ ପ୍ରତିନିଧିଙ୍କ ସୂଚନା ଅନୁଯାୟୀ, ବେଣୁଧର ପ୍ରଧାନ ଓ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ମିଳିମିଶି ଦଳ ପାଇଁ କାମ କରୁଥିଲେ। ବେଣୁଧର ଗୟାଧରଙ୍କଠାରୁ ଅଲଗା ହୋଇ ଜିତେନ୍ଦ୍ର ରଣସିଂହଙ୍କ କ୍ୟାମ୍ପରେ ଯୋଗଦେବା ପରେ ସବୁ କିଛି ଓଲଟପାଲଟ ହୋଇଯାଇଥିଲା। ବେଣୁଧର ଯିବାର କିଛି ମାସ ପରେ ଅଧ୍ୟକ୍ଷା ଉପାଧ୍ୟକ୍ଷଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ପୁଣି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେଲାଣି। ଏଣୁ ବ୍ଲକରେ ଶାସକ ଦଳ ଦୁଇ ଭାଗରେ ବିଭକ୍ତ ହୋଇଛି। ଲଢ଼େଇ ଉପାଧ୍ୟକ୍ଷ ଅଧ୍ୟକ୍ଷାଙ୍କ ମଧ୍ୟରେ ଚାଲିଥିବା କୁହାଯାଉଥିଲେ ମଧ୍ୟ ପ୍ରକୃତ ବିବାଦ ବ୍ଲକ ବିଜେଡି ସଭାପତି ତଥା ବ୍ଲକ୍ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଓ ବିଜେଡିର ଅନ୍ୟତମ ନେତା ରଣସିଂହଙ୍କ ମଧ୍ୟରେ ଆରମ୍ଭ ହୋଇଛି। ରଣସିଂହଙ୍କ କ୍ୟାମ୍ପରେ ଅଧ୍ୟକ୍ଷା ଓ ବେଣୁଧର ଯୋଗଦେବା ପରେ ତାଙ୍କ ପଲା ଭାରି ହୋଇଛି। ଏନେଇ ରଣସିଂହ କୁହନ୍ତି, ଭାପୁର ବ୍ଲକରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଓ ଅନିୟମିତତା ବଢ଼ି ଚାଲିଲା। ବାରମ୍ବାର କହିବା ପରେ କିଛି ପରିବର୍ତ୍ତନ ହେଲାନି, ବରଂ କୁହାଗଲା ବିକାଶ ଚାଲିଛି, ସବୁ ଠିକ୍ ହେଉଛି। ଆମେ ବିଜେଡି ଲୋକ। ନବୀନ ପଟ୍ଟନାୟକଙ୍କ ପାଇଁ କାମ କରୁଛୁ। ଏଣୁ ଧୀରେ ଧୀରେ ଆମ ପ୍ରତି ସମର୍ଥନ ବଢ଼ିଛି। ଅନାସ୍ଥା ଭୋଟ୍‌ରେ ଆମେ ଦେଖାଇବୁ କାହାର ପଲା ଭାରି। ଆମ ପ୍ରତି ସଂଖ୍ୟାଧିକ ସରପଞ୍ଚ, ସମିତି ସଭ୍ୟଙ୍କ ସମର୍ଥନ ରହିଛି। ପୁଣି ନବୀନବାବୁଙ୍କ ଆଶୀର୍ବାଦ ରହିଛି ବୋଲି ସେ କହିଛନ୍ତି। ରାକମା ସରପଞ୍ଚ ବନମାଳୀ ନାୟକ କୁହନ୍ତି, ଅଧ୍ୟକ୍ଷା ବେହେରା ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ କରୁନାହାନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଣଦେଖା କରି ସମ୍ମାନହାନି ପରି କାମ କରୁଛନ୍ତି। କିଛି ମନ୍ଦ ଓ ଖଳ ଲୋକଙ୍କ ଦ୍ୱାରା ପରିଚାଳିତ ହୋଇ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏଣୁ ଫତେଗଡ଼ ସରପଞ୍ଚ ତୋଫାନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆମେ ଅନାସ୍ଥା ପ୍ରସ୍ତାବ ଆଗତ କରିଛୁ। ଅନ୍ୟପକ୍ଷେ ଉପାଧ୍ୟକ୍ଷଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସଂକ୍ରାନ୍ତରେ ତାଙ୍କୁ ପ୍ରଶ୍ନ କରିବାରୁ ସେ କିଛି ନ କହି ଏଡ଼ାଇ ଯାଇଥିଲେ। ଉପଜିଲାପାଳ ଲଗ୍ନଜିତ୍ ରାଉତ କୁହନ୍ତି, ଅନାସ୍ଥା ଭୋଟ ପାଇଁ ପ୍ରସ୍ତାବ ଆସିବା ପରେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି।


ଉପଜିଲାପାଳଙ୍କୁ ଆବେଦନପତ୍ର ଦେବାକୁ ଆସିଥିବା ଜନପ୍ରତିନିଧିମାନେ।

**ଭାପୁର ବ୍ଲକ ରାଜନୀତି**
- ଦସ୍ତଖତ ୧୮, ଭେଟିଲେ ୫ ପଞ୍ଚାୟତ ପ୍ରତିନିଧି
- ଉପାଧ୍ୟକ୍ଷଙ୍କ ନାମରେ ଏତଲା ପରେ ବିବାଦ

# ଭାଗଚାଷୀ ପଞ୍ଜୀକରଣ ସରଳୀକରଣ ଦାବି

**ଛତ୍ରପୁର, ୧୩।୭(ଡି.ଏନ.ଏ)**

ଚଳିତବର୍ଷ ରାଜ୍ୟ ସରକାର ଭାଗଚାଷୀଙ୍କ ଧାନ କିଣିବା ପାଇଁ ପଞ୍ଜୀକରଣ କରିବା ବ୍ୟବସ୍ଥା କରିଛନ୍ତି। ତେବେ ଏଥିପାଇଁ ଜମି ମାଲିକଙ୍କର ଲିଖିତ ସହମତି ଦେବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ମାତ୍ର ଭାଗଚାଷୀମାନଙ୍କୁ ଜମି ମାଲିକମାନେ ଲିଖିତ ସହମତି ଦେବା ପାଇଁ ରାଜି ହେଉନାହାନ୍ତି। ଫଳରେ ଭାଗଚାଷୀ ମଣ୍ଡିରେ ଧାନ ବିକି ପାରୁନାହାନ୍ତି। ଏଥିଲାଗି ସେମାନେ ଦଲାଲମାନଙ୍କୁ ଧାନ ବିକି ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହି ଆସୁଥିବା ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ କୁହାଯାଇଛି । ଗଞ୍ଜାମ ଜିଲାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭାଗଚାଷୀ ଧାନ ଚାଷ କରଥାନ୍ତି। ସେମାନେ ହିଁ ପ୍ରକୃତ ଚାଷୀ। ସରକାର ତାଙ୍କୁ କାଳିଆ, ବଳରାମ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରୁଥିବାବେଳେ କୃଷି ଋଣ ମଧ ଦେଉଛନ୍ତି। ଜମିହୀନମାନେ ହିଁ ଭାଗଚାଷୀ ଅଟନ୍ତି। ତାଙ୍କର ଅବଦାନ ଯୋଗୁଁ ସରକାର କୃଷିକର୍ମଣ ପୁରସ୍କାର ପାଉଛନ୍ତି। ପୂର୍ବରୁ ଗ୍ରାମ କମିଟି ଓ ୱାର୍ଡମେମ୍ବରଙ୍କ ଲେଖା ଦେଲେ ଭାଗଚାଷୀଙ୍କ ନାମ ପଞ୍ଜୀକରଣ ହୋଇପାରୁଥିଲା । କୃଷି କର୍ମଚାରୀ ଓ ରାଜସ୍ୱ କର୍ମଚାରୀ ମିଳିତ ଭାବେ ସର୍ଭେ କରି ଭାଗଚାଷୀଙ୍କୁ ଚିହ୍ନଟ କରି ତାଙ୍କ ନାମ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କ ନିକଟରେ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଅନୁରୋଧ କରିଛନ୍ତି।

# ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

**ଏନ୍‌ଏସିରେ ଗୁହାରି କଲେ ସାହିବାସିନ୍ଦା**


ରାସ୍ତାରେ ଭାସୁଥିବା ପାଣି ।

**ଜି.ଉଦୟଗିରି, ୧୩।୭(ଡି.ଏନ୍.ଏ.)**

ସାମାନ୍ୟ ବର୍ଷା ହେଲେ ଜି.ଉଦୟଗିରି ଏନ୍‌ଏସି ୧୧ ନଂ. ୱାର୍ଡରେ ଡ୍ରେନ ପାଣି ରାସ୍ତାରେ ଭାସୁଛି। ବାରମ୍ବାର ଗୁହାରି କଲେ କେହି ଶୁଣୁନାହାନ୍ତି। ଏହି ୱାର୍ଡର ମା କଲୋନୀ ଏବଂ ବ୍ୟାଙ୍କ କଲୋନୀ ବାସିନ୍ଦାମାନେ ସମସ୍ୟା ସମାଧାନ ପାଇଁ ମଙ୍ଗଳବାର ଏନ୍‌ଏସି କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଇଲେକ୍ଟ୍ରିଅଫିସ ଛକ ଅଞ୍ଚଳରେ ଡ୍ରେନ୍ ମରାମତି ହେଉ ନ ଥିବା ବେଳେ ନିୟମିତ ସଫା କରାଯାଉନାହିଁ। ଫଳରେ ଏହା ପୋତି ହେଇଛି। ଅଳ୍ପ ବର୍ଷାରେ ବି ରାସ୍ତାକୁ ନାଳ ପାଣି ଆସିଯାଉଥିବାରୁ ଯାତାୟାତରେ ସମସ୍ୟା ହେଉଛି। ତେଣୁ ଇଲେକ୍ଟ୍ରି ଅଫିସ ଛକ ଠାରୁ ଟ୍ରେଜେରୀ ଅଫିସ ପର୍ଯ୍ୟନ୍ତ ରାସ୍ତାରେ ଡ୍ରେନ୍‌କୁ ବ୍ୟବସ୍ଥିତ କରିବା ପାଇଁ ଦାବି ହୋଇଛି। ସୁରେନ୍ଦ୍ର ପ୍ରଧାନ, ଭୀମସେନ ପ୍ରଧାନ, ରମେଶ ବେହେରା ପ୍ରମୁଖ ଏ ନେଇ ଏନଏସିରେ ଲିଖିତ ଅଭିଯୋଗ କରିଛନ୍ତି।

# ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ

**ନୟାଗଡ଼ ଅଫିସ, ୧୩।୭**

**୧୨ ଦଫା ଦାବି ପୂରଣର ପ୍ରତିଶ୍ରୁତି ମିଳିଲା**

ନୟାଗଡ଼ ଜିଲାରେ ଠିକା ବିଦ୍ୟୁତ୍ କର୍ମଚାରୀମାନେ ମଙ୍ଗଳବାର ନୟାଗଡ଼ ବିଦ୍ୟୁତ୍ ଡିଭିଜନର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମାନ କାମକୁ ସମାନ ଦରମା, ମିଟର ରିଡର କର୍ମଚାରୀଙ୍କୁ ଛଟେଇ ବନ୍ଦ କରିବା, ଲାଞ୍ଚ ନେଇ ନୂଆ ମିଟର ରିଡର କର୍ମଚାରୀ ନିଯୁକ୍ତିକୁ ବାତିଲ କରିବା, ୧୦ ବର୍ଷ ହେଲା କାମ କରୁଥିବା ଛଟେଇ ମିଟର ରିଡରମାନଙ୍କୁ ପୁନଃ ନିଯୁକ୍ତି ଦେବା, ଇଏସ୍ଆଇ ଓ ଏପିଏଫ୍ ଠିକ ଭାବେ ଡିପୋଜିଟ କରିବା ଆଦି ୧୨ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଦକ୍ଷିଣକାଳୀ ଠିକା ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ ଠିକା କର୍ମଚାରୀମାନେ ସେମାନଙ୍କ ଅଭାବ ଅସୁବିଧାକୁ ଉପସ୍ଥାପନ କରିଥିଲେ। ଦିନ ତମାମ ଆନ୍ଦୋଳନ ଚାଲିଥିଲା। ନିର୍ବାହୀଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ସଂଘର ସଭାପତି ରବୀନ୍ଦ୍ର କୁମାର ଦାଶ କୁହନ୍ତି, ନୟାଗଡ଼ ବିଦ୍ୟୁତ୍ ଡିଭିଜନର ନିର୍ବାହୀଯନ୍ତ୍ରୀ ଆମ ସହ ଆଲୋଚନା କରିଥିଲେ। ୧୭ ତାରିଖ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ମିଳିଛି। ଦାବି ପୂରଣ ନ ହେଲେ ପୁଣି ୧୮ରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେ କହିଛନ୍ତି ।



କର୍ମଚାରୀମାନେ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଭଞ୍ଜନଗର, ୧୩।୭(ଡି.ଏନ.ଏ)**

ତାରସିଂ ଥାନା ଅନ୍ତର୍ଗତ ରୁଢ଼ାପଦରରେ ଦୁର୍ଘଟଣାରେ ଗୁରୁତର ଜଣେ ଯୁବକଙ୍କ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ରଞ୍ଜିତ ନାୟକ (୨୧)। ବୁରୁଡୁଙ୍ଗିର ରଞ୍ଜିତ ସୋମବାର ସନ୍ଧ୍ୟାରେ ରୁଢ଼ାପଦର ଛକ ନିକଟରେ ତାଙ୍କର କିଛି ସାଙ୍ଗ ସହ ରାସ୍ତା କଡ଼ରେ ଠିଆ ହୋଇ କଥା ହେଉଥିଲେ । ଏହି ସମୟରେ ଜଣେ ବାଇକ୍ ଚାଳକ ଆସି ରଞ୍ଜିତଙ୍କୁ ଧକ୍କା ହେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ତାରସିଂ ନଂ.୧୭୧/୨୧ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପି. କେ.ଦାସ କହିଛନ୍ତି । ଧକ୍କା ଲଗାଇଥିବା ବାଇକ୍‌କୁ ପୋଲିସ ଜବତ କରିଛି ।

# ସାନଖେମୁଣ୍ଡି ବିଧାୟକଙ୍କ ସମେତ ୪ ଜଣଙ୍କ ବୟାନ ରେକର୍ଡ

**ବଳାତ୍କାର ଘଟଣାର ସାକ୍ଷୀଙ୍କ ଧମକ ମାମଲା**

**ବ୍ରହ୍ମପୁର ଅଫିସ, ୧୩।୭**

ଏକ ବଳାତ୍କାର ଘଟଣାର ସାକ୍ଷୀଙ୍କୁ ଧମକ ଦେବା ମାମଲାର କୋର୍ଟରେ ଅଭିଯୁକ୍ତଙ୍କ ବୟାନ ରେକର୍ଡ ହୋଇଛି। ମଙ୍ଗଳବାର ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ୪ ଜଣ କୋର୍ଟରେ ହାଜର ହୋଇଥିଲେ। ଅତିରିକ୍ତ ଜିଲା ଦୌରା ଜଜ୍-୩ ରାଜଶ୍ରୀ ମହାପାତ୍ରଙ୍କ କୋର୍ଟରେ ବିଧାୟକ ଜେନା, ବାପା ଅରକ୍ଷିତ ଜେନା, ପୁତୁରା ପିଣ୍ଟୁ ଜେନା ଓ ସହଯୋଗୀ ଅନନ୍ତ ବେହେରାଙ୍କୁ ପୃଥକ୍ ଭାବେ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କୁ ଧମକ ଅଭିଯୋଗ ଘଟଣାକୁ ସମସ୍ତେ ଖଣ୍ଡନ କରିବା ସହ ଏହା ଏକ ମିଥ୍ୟା ମାମଲା ବୋଲି ବୟାନ ରେକର୍ଡ ହୋଇଥିବା ରମେଶଙ୍କ ଓକିଲ ନିର୍ମଳ ସାହୁ କହିଛନ୍ତି। ବୁଧବାର ମାମଲାର ଜବାବ ସୁଆଲ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୬ ଅକ୍ଟୋବର ୨୬ ସନ୍ଧ୍ୟାରେ ରମେଶଙ୍କ ସହଯୋଗୀ ଅନନ୍ତ ଏକ ବଳାତ୍କାର ମାମଲାର ସାକ୍ଷୀଙ୍କ ଘରକୁ ଯାଇଥିଲେ। ତାଙ୍କ ମୋବାଇଲ ଫୋନ୍‌ରେ ରମେଶ, ବାପା ଅରକ୍ଷିତ ଓ ପିଣ୍ଟୁ ପୀଡିତାଙ୍କ ସାକ୍ଷୀଙ୍କୁ ଧମକଚମକ ଦେଇଥିଲେ। ପରେ ସମ୍ପୃକ୍ତ ସାକ୍ଷୀ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

# କାଶୀନଗର ବ୍ଲକରେ ମୋ ନିବେଦନ କାର୍ଯ୍ୟକ୍ରମ



ଭର୍ଚୁଆଲରେ ଅଭିଯୋଗ ଶୁଣାଣି ଚାଲିଛି।

**କାଶୀନଗର, ୧୩।୭(ଡି.ଏନ.ଏ.)**

ଗଜପତି ଜିଲା ପ୍ରଶାସନ ତରଫରୁ ଭର୍ଚୁଆଲରେ ମୋ ନିବେଦନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା କାଶୀନଗର ବ୍ଲକର ଜନସାଧାରଣ ଅଭିଯୋଗ ଶୁଣାଣି କରିଛନ୍ତି। ଜିଲାର ଅତିରିକ୍ତ ମାଜିଷ୍ଟ୍ରେଟ ସଂଗ୍ରାମ କେଶରୀ ପଣ୍ଡାଙ୍କ ସଂଯୋଜନାରେ କାଶୀନଗର ବିଡିଓ ସୀମାଞ୍ଚଳ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷ ଚିତ୍ରି ସିମାଦ୍ରୀ, ନିର୍ବାହୀ ଅଧିକାରୀ ଡ.ସତ୍ୟ ସଂପୂର୍ଣ୍ଣା ରାଉତ, ସରକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣାଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗ୍ରାମ୍ୟ ଉନ୍ନୟନ, ଜଳଯୋଗାଣ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ବହୁ ଅଭିଯୋଗକାରୀ ବ୍ଲକ କାର୍ଯ୍ୟାଳୟରେ ଭର୍ଚୁଆଲରେ ଜିଲାପାଳଙ୍କୁ ନିଜ ଅଭିଯୋଗ କରିଥିଲେ। ଇନ୍ଦିରା ଆବାସ, ଗୃହ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡରୁ ବାଦ ପଡ଼ିବା ଆଦି ସମ୍ପର୍କରେ ଅଭିଯୋଗ ଆସିଥିଲା ।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

**ଛତ୍ରପୁର, ୧୩।୭(ଡି.ଏନ.ଏ)**

ଛତ୍ରପୁର ଥାନା କୁମାରବେଗପଲ୍ଲୀ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକ ଅବହେଳା କରୁଥିବାରୁ ନ୍ୟାୟ ପାଇଁ ସେ ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୨ ନଭେମ୍ବର ୧୫ରେ କୁମାରବେଗପଲ୍ଲୀ ଗ୍ରାମର ନରସିଂହ ସାହୁଙ୍କୁ ଲିପ୍ସାରାଣୀ ସାହୁ ମନ୍ଦିରରେ ବିବାହ କରିଥିଲେ । ଶାଶୁଘର ଲୋକ ତାଙ୍କୁ ମାରମିଟ କରିବା ସହ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବାଧ କରିଥିଲେ। ତେଣୁ ସେ ବାପଘରକୁ ଚାଲିଆସି ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ମାମଲା ରୁଜୁ ପରେ ଶାଶୁଘର ଲୋକେ ଜେଲ ଯାଇ ଜାମିନରେ ଆସିଥିଲେ । ପରେ ଏହି ଘଟଣାକୁ ନେଇ ଛତ୍ରପୁର ଏସଡିଜେଏମ କୋର୍ଟ ୨୦୧୯ ଡିସେମ୍ବର ୩ ତାରିଖରେ ୩ ମାସ ମଧ୍ୟରେ ଲିପ୍ସାରାଣୀଙ୍କୁ ତାଙ୍କ ସ୍ୱାମୀ ଗ୍ରହଣ କରିବାକୁ ଆଦେଶ ଦେଇଥିଲେ। କିନ୍ତୁ ସ୍ୱାମୀ ଏଯାବତ ତାଙ୍କୁ ଗ୍ରହଣ କରିନଥିବା ଲିପସାରାଣି ଗଞ୍ଜାମ ଏସପି ବ୍ରିଜେଶ କୁମାର ରାଏଙ୍କୁ ଜଣାଇଛନ୍ତି।

# ଖଲ୍ଲିକୋଟ ବ୍ଲକ ପାଲଟିଛି ଦୁର୍ନୀତିର କେନ୍ଦ୍ରସ୍ଥଳୀ

**ଖଲ୍ଲିକୋଟ, ୧୩।୭(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ନିର୍ମଳଝର ଛକସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଅଫିସ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ ବ୍ଲକ ଦୁର୍ନୀତିର କେନ୍ଦ୍ରସ୍ଥଳୀ ପାଲଟିଛି ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ଅଭିଯୋଗ କରିଥିଲେ। ସରକାରଙ୍କ ପ୍ରତ୍ୟେକ ଯୋଜନାରେ ନିୟମ ଉଲଂଘନ କରି ଅର୍ଥ ହରିଲୁଟ ହୋଇଥିବା ନେଇ ଦଳୀୟ ନେତାମାନେ ପ୍ରକାଶ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ବଦଳରେ ମେଶିନ କାମ କରୁଛି। ପ୍ରବାସୀ ଶ୍ରମିକ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେହିପରି ଉସ୍ତାପଡ଼ା ଗ୍ରାମରେ ପୋଖରୀ ମେସିନ ଦ୍ୱାରା ଖୋଳାଯାଇଛି। ବାଦପଲ୍ଲୀ ପଞ୍ଚାୟତରେ ସରପଞ୍ଚ ତଥା ଗ୍ରାମସଭାକୁ ବାଦ ଦେଇ ଦିନ ଦ୍ୱିପହରରେ ମେସିନରେ ମାଟି ଖୋଳାଯାଉଛି। ସେହିପରି ବ୍ଲକର ଅଧିକାଂଶ ପଞ୍ଚାୟତରେ ସାମାଜିକ ବନୀକରଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଗୋଟିଏ ବି ନୂତନ ବନ ଦେଖାଯାଇନାହିଁ। କେନ୍ଦ୍ରୀୟ ଟିମ ତଦନ୍ତ କରିବାକୁ ଆସିଥିବା ବେଳେ କେତୋଟି ପୂର୍ବ ବନୀକରଣ ଦେଖାଇ ଛାଡ଼ି ଦେଇଥିଲେ। ତେଣୁ ସମସ୍ତ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆଞ୍ଚଳିକ ପରିଷଦ। ଏହି ଦୁର୍ନୀତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଦଳ ପକ୍ଷରୁ ଗଣ ଆନ୍ଦୋଳନ ଅବଲମ୍ବନ କରାଯିବ। ଏହି ସମ୍ମିଳନୀରେ ପାର୍ଟିର ଅଞ୍ଚଳ ସମ୍ପାଦକ ସାଥି କନ୍ଧ ପ୍ରଧାନ, ସହ ସମ୍ପାଦକ ଦୁର୍ଗା ଚରଣ ପାତ୍ର, ଆଇନଜୀବୀ ସୀମାଞ୍ଚଳ ବେହେରା, ସାଥୀ ଜୟରାମ ଦାସ, କ୍ଷେତ ମଜଦୁର ଗଞ୍ଜାମ ଜିଲା ସଭାପତି ରଘୁନାଥ ଗୌଡ଼, କୃଷକ ସଭା ସଭାପତି ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ଡ଼ିମିରିଆ ପଞ୍ଚାୟତ ସରପଞ୍ଚ ମନୋଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତୃବୃନ୍ଦ।

**ତଦନ୍ତ ଦାବି କଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି**